# ପିଲାଙ୍କ କଥା
# (କୁଇ)
## ପ୍ରଥମ ଭାଗ



# ପିଲାଙ୍କ କଥା (କୁଇ)

## ପ୍ରଥମ ଭାଗ

ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ
ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା


ନିର୍ଦ୍ଦେଶକ
ପ୍ରଫେସର ଅଖିଳ ବିହାରୀ ଓତା

ପ୍ରସ୍ତୁତି
କୁଇ ସଂସାଧକ ମଣ୍ଡଳୀ
ଶ୍ରୀ ସୁଶୀଳ କୁମାର ଦିଗାଲ
ଶ୍ରୀ ରଞ୍ଜିତ କୁମାର ପ୍ରଧାନ

ସଂଯୋଜନା
ଡ଼ଃ ପରମାନନ୍ଦ ପଟେଲ

ଅଳଙ୍କରଣ
ପ୍ରିୟରଞ୍ଜନ ବରାଳ



ପ୍ରକାଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର



Director :
**Prof. (Dr.) A.B. Ota**

Prepared by :
**Kui Resource Group**
**Sri Susil Kumar Digal**
**Sri Ranjita Kumar Pradhan**

Co-ordinator :
**Dr. Paramananda Patel**

Illustration :
**Priyaranjan Baral**



Published by :
**Academy of Tribal Languages & Culture**
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା; ବୋଲି ତିଆରି କରି ଦେଇଛି । ତେଣୁ ଏହା ବିଚାରକୁ ନେଲେ ଅନେକ ଭାଷା-ଉପଭାଷାର ସମାହାର ଏକ ବୈଚିତ୍ର ପରିବେଶ ସୃଷ୍ଟି କରେ ।

ଦ୍ୱିତୀୟତଃ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥା ସହ ଜଡ଼ିତ, ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ; ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ପ୍ରଦାନ କରାଯାଉଛି । ଦ୍ୱିତୀୟତଃ, ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ରଭିତ୍ତିକ କାହାଣୀ, ଗୀତ-ପହଳିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଉଛି ।

ଏହା ପିଲାମାନଙ୍କୁ କେବଳ ଯେ ଆନନ୍ଦ ଦେବ ତା ନୁହେଁ, ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ଦେବ ।

ପ୍ରସ୍ତୁତ କୁଇ ଭାଷାର ପ୍ରଥମ ଭାଗରେ ସନ୍ନିବିଷ୍ଟ କାହାଣୀ ଗୁଡ଼ିକର ସ୍ଥାନୀୟ ସାଂସ୍କୃତିକ ଉପାଦାନକୁ ପ୍ରାଧାନ୍ୟ ଦିଆଯାଇଛି । ଏକ ବୃହତ୍ତର ଜନ ସମୁଦାୟର ସଂସ୍କୃତି କିପରି ପରସ୍ପରକୁ ପୁଷ୍ଟ କରିଛି ଓ ନିଜର କରିଛି ତାର ଏକ ଝଲକ ଏହି ପୁସ୍ତିକାରୁ ମିଳିପାରିବ ।

**ଅଖିଳ ବିହାରୀ ଓତା**

# ମେଟ୍ଲା କେରଣ୍ଡି (ମୟୁର ଗପ)

ର ଦିନାତାନି ବୁଡା ବୁଡାଲି ମାସୁ । ଏବି ରିଣ୍ଡିଗାମେରେହା ଡାଇସରୁ ବାଡିତାନି ତାସା ଗିଆନା ପହି ଆଇ ମାସୁ । ବୁଡା ବୁଡାଲି ସରୁକାଙ୍ଗା ଉହାସେଲୁ ନେଡାତାଙ୍ଗି ସାସୁ । ଗାମେ ଦେରାଡା ନେଡା ଗିଆସି ବାପା ବୁଡାଲ "ବୁଡାଡେ"ଇ ନେଡାତାନି କାଙ୍ଗା ଉହା ଏସଏକା ମୁନାସୁ ? ଏଆସାନି କାତା ଆଇସାରା ଗସାତା ମାସି ମେଟ୍ଲା ବେସୁ । ଏଙ୍ଗା ଏବି ବଡା ବୁଡାଲି ସାନା କାଙ୍ଗା ଉହାଯିବା । ସେଲୁ ସଡିଟି ସାସୁ । ବୁଡା ବୁଡାଲିନି ବେସ୍ତୁ । ଆମୁ ମିଆ କାଙ୍ଗା ଉହାଯିଆ ନାମୁ । ଇରା କୁଡା ବୁଡାଲି ବେଞ୍ଜାନା ରେହାଡାଇ ଆଞ୍ଜିତୁ  ବୁଡା ବୁଡାଲି ଉପସ କାଙ୍ଗା ରହିତୁ । ମେଟ୍ଲା ତାଡା ପରା ଉହିତାନି କାଙ୍ଗାତିଞ୍ଜି ତିଞ୍ଜି କାଡିଙ୍ଗା ଉହାଯିତୁ ।



ଗୋଟିଏ ରାଜ୍ୟରେ ବୁଢା ବୁଢୀ ଥିଲେ । ସେ ଦୁହେଁ ଖୁସିରେ ବଣ ପାହାଡ଼ରେ କାମ କରି ଜୀବନ ଧାରଣ କରୁଥିଲେ । ଦିନେ ବୁଢା ବୁଢୀ କାନ୍ଦୁଲ ରୋଇବାକୁ ପାହାଡ଼କୁ ଗଲେ । ସେମାନେ ଗୋଟିଏ ବଡ଼ ପାହଡ଼ ସଫାକରିଥିଲେ । ଏହା ଦେଖି ବୁଢୀ ବୁଢାକୁ କହିଲା, ବୁଢା ହେ, ଏତେ ବଡ ବଣଟାରେ କାନ୍ଦୁଲ କେବେ ଲଗାଇବା ? ବୁଢା ଓ ବୁଢୀ କଥା ହେଉଥିବାର  ବଣରେ ଥିବା ମୟୁର ଗୁଡିକ ଶୁଣିବାକୁ ପାଇଲେ ଏବଂ ବୁଢା ବୁଢୀ ମାନଙ୍କ କାନ୍ଦୁଲ ଲଗାଇ ଦେବାପାଇଁ ତାଙ୍କ ପାଖକୁ ଯାଇ କାନ୍ଦୁଲ ଲଗାଇଦେବୁ ବୋଲି କହିଲେ । ଏହା ଶୁଣି ବୁଢା ବୁଢୀ ହଁ କହିଲେ । ବୁଢା ବୁଢୀ ଗୋଟେ ଧାଡ଼ିରେ କାନ୍ଦୁଲ ଲଗାଇଲେ ଏବଂ ଅନ୍ୟ ଧାଡିରେ ମୟୂର ଗୁଡ଼ିକ କାନ୍ଦୁଲ ଲଗାଇବା ବଦଳରେ କାନ୍ଦୁଲ ଖାଇ ଖାଇ ଛୋଟ ଗୋଡି ଯାକ ପୋତିଦେଲେ ।

**ଏସେ ଦିନ ସାଲ୍ବାଙ୍ଗେ ବୁଢା କାଙ୍ଗା ନେଜାସତଗିନାଆଏ ଇଞ୍ଜି ସେଃଷା ସାସେଞ୍ଜୁ । ବୁଡା ବୁଡାଲି ଉହାମାସି ରୁଜୁପାଜାଟି କାଙ୍ଗା ନେଜା ମାସୁ । ଅଟେ ମେଟ୍ଲା ଉହାମାସି ରୁଜୁ ନେଜାସିଡ଼ାଢୁ ବୁଡା ବୁଡାଲିନି ଗୁଲେ କାତା ବେସ୍ତେଞ୍ଜୁ । ଏବି ସଡାଙ୍ଗି ବୁଡାଇ ବେସ୍ତେ ଅବୁଡା ଇନୁ ସାଜା ମାଜି ଡେହେଙ୍ଗି ଆମୁ । ଆନୁଡି ଦୁହିଇ । ବୁଡାଲିନ୍ଦାର ଡିବା ବେଞ୍ଜାନା ଗସାତାଇ ମେଟ୍ଲା ବୁଡା ସାଡେଞ୍ଜୁ ଇଞ୍ଜି ମାପ ବାତୁ । ବୁଡା ବୁର୍ଡାଡାଇ ସାଜାନି ଡେହେଙ୍ଗି ଆଜାନା ମାବି ବାକାରତାନି ଡସା ସେଞ୍ଜୁ । ମେଟ୍ଲା ବାଜାନା ବୁଡାକୁଇଟି ମାଡା ଡ୍ରୁ । ବୁଡାଲି ଡିନି ଡେହେଙ୍ଗି ଆଜାନାଇ ଅକଲି ଅଟେ ରାହା ବେଞ୍ଜଟି ଦାରା ଟୁଣ୍ଡାନାଇ ବୁଡାଇ ବେସ୍ତୋବୁଡା ଇଆ ମେଟ୍ଲା ଗୁଲେ ବ୍ରିସି ବ୍ରିସନା ବେତାମୁ । ବୁଡା ବେତେଞ୍ଜୁ ଏ ଆସାନି ଭଙ୍ଗା ସଣ୍ଡିତ ଏଙ୍ଗା ପାହାନାଇ ନାଜୁ ଗସି ଗୁଲେ ଡିସୁ ।**



କେତେ ଦିନ ପରେ ବୁଢା କାନ୍ଦୁଲ ଗଜା ହେଲାକି ନାହିଁ ଦେଖିବାକୁ ପଦରକୁ ଗଲା, ବୁଢା ବୁଢୀ ଲଗାଇଥିବା ଧାଡିର କାନ୍ଦୁଲ ଗଜା ହୋଇଥିଲା କିନ୍ତୁ ମୟୂର ମାନଙ୍କ ଧାଡ଼ିରେ କାନ୍ଦୁଲ ଗଜା ହୋଇ ନଥିଲା । ବୁଢା ଘରକୁ ଆସି ସବୁ କଥା ବୁଢୀକୁ କହିଲା, ଏହା ଶୁଣି ଦୁହେଁ ରାଗିଗଲେ ଓ ମୟୂରମାନଙ୍କୁ ପ୍ରାଣରେ ମାରିବାକୁ ଉପାୟ ପାଞ୍ଚି ବୁଢୀ ବୁଢାକୁ କହିଲା । ବୁଢା ହେ ତୁମେ ମଲା ପରି ମଝି ବଖରାରେ ଶୋଇପଡ଼ ମୁଁ କାନ୍ଦିବି ।  ବୁଢୀର କାନ୍ଦ ଶୁଣି ବୁଢା ମରିଯାଇଛି ଭାବି ମୟୂରମାନେ ବୁଢୀକୁ ସମବେଦନା ଜଣାଇବାକୁ ସେଠାକୁ ଆସି କାନ୍ଦିଲେ । ବୁଢୀ କାନ୍ଦିଲା ପରି ଛଳନା କରି ଆଗ ଓ ପଛ କବାଟ ବନ୍ଦ କରିଦେଲା । ପରେ ବୁଢୀ ବୁଢାକୁ କହିଲା ହେ ବୁଢା ଏ ମୟୂରମାନଙ୍କୁ ମାରିବା ଦୁହେଁ ମିଶି ମୟୂରମାନଙ୍କୁ ମାରିଲେ । ବୁଢା ମୟୂରମାନଙ୍କର ମାଂସକାଟି ସାହି ପଡ଼ିସାରେ ବାଣ୍ଟି ଦେଇ ଖାଇଲେ ।


# ପିଲୁ ବୁଡା (ନିର୍ଲୋଭୀ ବୁଢ଼ା)

ରଦିନାତାନି ରଆତୁ ରାଜେଞ୍ଜୁ ଏଙ୍ଗା ରାଜାଲି ମାସୁ । ଏବି ପଣ୍ଡେରିଣ୍ଡି ଗା ଆମେ ରେହେଡାଇ ରାହି ଆଇସୁ । ରାଜେନି ଇଡୁ ସଡିଟି ରିଣ୍ଡି ଜାପାଗାଟି ବୁଡା ବୁଡାଲି ରନ୍‌ଡା କୁଡି ଗିଆନା ମାସୁ । ଏବି ଜାପା ଜାପିଜାପି ରେହାଡାଇ ନିମ୍ବାଇ ମାସୁ । ବୁଡାବୁଡାଲି ଜାପା ଜାପାସେଲୁ ଡାଇସି ସାଯାନା ବିଲୁଡି ବେଲାତା, ତାଡାବୁଡି ଉଡୁକି ବ୍ଲେପି ମାସୁ । ବୁଡାଲି ତିରାଙ୍ଗ୍ ସିରୁ ଗିପିମାସି ଡେଲିତା ବୁଡା ପିରଡି ଆହାନାଇ ସାଞ୍ଜିତି ? ଗାଡିଙ୍ଗା ଏସି ? ପିରଡି ବିକାଇ ମାସେଞ୍ଜୁ । ରନିସି ଏପିରଡି ଏଙ୍ଗା ଗାଡିଗିରା । ରାଜାଲିନି କ୍ରିଉତା ଦିତେ । ରାଜାଲି ଡହ୍‌ନା ବିଲୁଡି ଡେଲି ବୁଡାତା ପିଲୁ ଅଟେ ଗାଡି ବେଞ୍ଜାନାଇ ରେହା ଆଇମାସେ । ରନିସି ରାଜାଲି ଏବା ବେଞ୍ଜୋ ବେଞ୍ଜୋ ଏଲୁଗିତେ,



ଗୋଟିଏ ରାଜ୍ୟରେ ଜଣେ ରାଜା ଓ ରାଣୀ ଥିଲେ । ସେ ଦୁହେଁ ଖୁବ୍ ଖୁସିରେ ରହୁଥିଲେ । ରାଜାଙ୍କ ନଅର ପାଖେ କୁଡିଆଟିଏ କରି ଦୁଇ ବୁଢାବୁଢୀ ଭିକମାଗି ଯାହା ପାଆନ୍ତି ଖାଇ ଖୁସି ମନରେ ରହନ୍ତି । ଦିନ ସାରା ଭିକ ମାଗି ସନ୍ଧ୍ୟା ସମୟେ ନିଜ କୁଡ଼ିଆକୁ ଫେରୁଥିଲେ । ସନ୍ଧ୍ୟାସମୟରେ ବୁଢୀ ରୋଷେଇ କାର୍ଯ୍ୟରେ ଲାଗେ ଏବଂ ବୁଢା ନିଜ କୁଡିଆ ପିଣ୍ଡାରେ ବସି ସୁନ୍ଦର ସୁନ୍ଦର ଗୀତ ଗାଇ ବଂଶୀ ବଜାଏ । ଦିନେ ଏହି ବଂଶୀ ଓ ଗୀତର ସୁନ୍ଦର ସ୍ୱରଭଙ୍ଗୀ ରାଣୀଙ୍କ କାନରେ ବାଜିଲା । ତାଙ୍କୁ ଭଲ ଲାଗିବାରୁ ରାଣୀ ପ୍ରତିଦିନ ଶୁଣିଲେ ଏବଂ ଦିନରେ ଏହା ଶୁଣୁଶୁଣୁ ଭାବିଲେ ବୁଢାବୁଢୀ ଭିକ ମାଗିକି ଏତେ ଖୁସିରେ ଚଳୁଛନ୍ତି । ମନରେ ଭାବି ସ୍ଥିରକଲେ, ରାଜା ଏମାନଙ୍କ ବଞ୍ଚିବା ସକାଶେ କିଛି ବ୍ୟବସ୍ଥା କଲେ ଭଲ ହୁଅନ୍ତା ।

ଇବାସାନି ନିମ୍ଭା ବାଗାରଣ୍ଡା ପାହେରି ରାଜେଞ୍ଜୁ ଗିଆ ଜିଡେକା ଇବି ଡହ୍ନା ଦିନା ସେଲୁ ଜାପା ଜାଆଡେ ରେହାଡାଇ ପହି ଆନୁମା ଏଙ୍ଗା ଆନୁବେ ଇ ମାସ୍ଣିମାନି ପିଲୁ ଗାଡି ଗୁଲେ ଡେଲିତା ବେନ୍ଦ୍ରା ମୁଇମା । ଇକାଣ ବେଇଡି ରାଜାଲି ରାଜେନିକି ବେଣ୍ଡେ । ଅ-ରାଜେନିତି "ରଣ୍ଡା ନେଗିକାତା ବେସ୍ତାଇମା ଜେଡା ନଆନାଇ ବେଞ୍ଜାଦି ଗେନା ? ଇ ଆବେଞ୍ଜାନାଇ ରାଜେଞ୍ଜୁ ରାଜାଲିନିପ୍ଲାଡେଞ୍ଜୁ ଏ ରାଜାଲିଣ୍ଡି, ଆନିକାତା ବେସ୍ତାଦି, ବେଣ୍ଡାକେ ନିନ୍ଦାରା କାତାଗେନା ଇଟା ମୁଏନୁ । ଏସେକା ରାଦାଲି ପାବି ପାନ୍ଦ୍ରାଙ୍ଗେ ବେସ୍କା ଟଣ୍ଡିଟେ ଇ ମାଇ ସଡି କୁଡିଗିଆନା ପହିଆଇମାନି ବୁଡା ବୁଡାଲି ନାସ୍ପା ନାସ୍ପା ଟ୍ରେଜାନାଇଜାପା ଜାସାନାଇ ଡାଇସାକାଡାଇ ବିଲୁଡି ଡେଲିତା,



ବୁଢା ବୁଢୀ ଭିକ୍ଷା ନ କରି ଖୁସିରେ ଚଳନ୍ତେ ପୁଣି ବୁଢା ସବୁ ସମୟରେ ଏହି ସୁନ୍ଦର ବଂଶୀ ବଜାଇ ଗୀତ ଗାଇଥାଆନ୍ତା, ମୁଁ ମଧ୍ୟ ଶୁଣି ଖୁସି ହୋଇଥାଆନ୍ତି । ଏହି କଥା ଜଣାଇ ରାଣୀ ରାଜାଙ୍କୁ ଅନୁରୋଧ କଲେ । ମୋର ଗୋଟିଏ କଥା ରକ୍ଷା କରିବେ କି ମହାରାଜ ? ରାଣୀ କଥାରେ ରାଜା ମୁରୁକି ହସି କହିଲେ, କି କଥା ରାଣୀ, ତୁମକଥା ମୁଁ କଣ ରଖିପାରିବି ନାହିଁ ? ସୁବିଧା ତଥା ଆଦେଶ ପାଇ ରାଣୀ ରାଜାଙ୍କୁ କହିଲେ, ଦେଖନ୍ତୁ ଆମ ନଅର ପାଖେ କୁଡ଼ିଆଘରେ ରହୁଥିବା ବୁଢା ବୁଢୀ ଦିନ ସାରା ଭିକ ମାଗି ସନ୍ଧ୍ୟାରେ ଘରକୁ ଫେରନ୍ତି । ସନ୍ଧ୍ୟାରେ ବୁଢୀ ରୋଷେଇ କଲେ ବୁଢା ମଧୁର ସ୍ୱରରେ ଗୀତ ଗାଇ ବଂଶୀ ବଜାଏ ।

ତାଡା ବୁଡି ତାଙ୍ଗି ଓ ବୃପିମାନୁ । ବୃସାନା ବିଲୁଡି ବୁଡାଲି ତିରାଙ୍ଗାସିରୁ ଗିତେକା, ବୁଡା ପିରଡି ଆହାନାଇ ତାଡା ଡେପାତାକକ୍ସା ନାଇ ସାଞ୍ଜିତି ସାଞ୍ଜିତି ଗାଡି କାହାଇନେଞ୍ଜୁ ଏଙ୍ଗା ପିରଡି । ଏସିବାଗା ଏବି ବୁଡା ବୁଡାଲି ଜାପା ଜାଆଡେ ଇସିଙ୍ଗ୍ ପହି ଆନୁମା ଏଙ୍ଗା ଆନୁବେ ବୁଡାତାରା ପିରଡି ଗାଡି ବେଞ୍ଜି ବେଞ୍ଜି ରେହା ଆଇମା । ଇକାତା ରାଜେଞ୍ଜୁ ମନ ପାଞ୍ଜାନାଇ ବେତି ଗାଲ. ବୁଡା ବୁଡାଲିନି ଆର୍ପା ପାଣ୍ଡିତେଞ୍ଜୁ । ଆର୍ପାଗାଟାଞ୍ଜୁ ସାଜାନାଇ ବେସ୍ୱାଙ୍ଗେନେ ଆଜାଙ୍ଗି ଆନାନାଇ, ଆଦିଦୁକ୍କୁ ଡେଡାଡାଇ ରାଜେନି ବାହ୍ତା ସାସୁ । ଜହାରି ଗିଆନା ଆନାଡିକି ଅ-ରାଜେନିତି ଆର୍ପାଗିଆଦି ଇଞ୍ଜି କଗେରି ଗିରାଡାଇ ପ୍ଲାତୁ । ରାଜେଞ୍ଜୁ ଟାକାଙ୍ଗା ପଜା ଆଜାମାସି ବୁଜୁଲା ସିଆନାଇ,



ଏହା ଶୁଣି ମୋ ମନ ଭାରି ଖୁସି । ଏଣୁ ଆପଣ ଏପରି ଗୋଟିଏ ବ୍ୟବସ୍ଥା ସେହି ଦୁହିଁଙ୍କ ସକାଶେ କରିବେ ଯେପରି ସେମାନେ ଆଉ ଭିକ୍ଷା ନକରି ଖୁସିରେ କୁଡିଆ ଘରେ ଚଳିବେ ପୁଣି ବୁଢା ପ୍ରତିଦିନ ସେହି ସୁନ୍ଦର ଗାନା ବଂଶୀ ବଜାଇ ଗାଇଥାଆନ୍ତା ତାହା ଶୁଣି ମୁଁ ମଧ୍ୟ ଖୁସି ହୁଅନ୍ତି । ରାଣୀଙ୍କ କଥାଟିକୁ ରାଜାଙ୍କ ମନକୁ ପାଇବାରୁ, ଆରଦିନ ରାଜା ବୁଢା ବୁଢୀଙ୍କୁ ଡକାଇ ପଠାଇଲେ । ବୁଢାବୁଢୀ ରାଜାଙ୍କ ଡକରା ଜାଣି ଭୟଭୀତ ହୋଇ ଯିବାକୁ ବାଧ୍ୟହେଲେ । ରାଜାଙ୍କ ପାଖକୁ ଯାଇ ଲମ୍ୱା ଦଣ୍ଡବତ ହୋଇ ଡକାଇଥିବା ଉଦ୍ଦେଶ୍ୟ କ୍ଷୀଣ ସ୍ୱରରେ ବୁଝିଲେ । ରାଜା  ବୁଢାବୁଢୀଙ୍କୁ କହିଲେ, ଏଇ ନିଅ ଟଙ୍କା ବୁଜୁଲା,

**ବୁଡାଇ ବେସ୍ତେଞ୍ଜୁ । ଅବୁଡା ନେଞ୍ଜୁଡେ, ଅଟେ ଏସେକାବେ ଜାପା ଜାପାସାଲାଇ, ଇଆଡାଇ କଡା ନଇ ତିଞ୍ଜେରୁ ଏଙ୍ଗା ଡହନା ଡେଲି ପିରିଡି ଡସାନାଇ ସାଞ୍ଜିତି ଗାଡିଙ୍ଗା ଏସିଦି । ଏଆ ବେଞ୍ଜାଯଇ ରାଜାଲି ରେହାଡାଇ ରାହିଆନେ । ଏବା ଟାକାଙ୍ଗା ବୁଦୁଲା ଆହାନାଇ ବୁଡାବୁଡାଲି ତାଡ । କୁଡି ତାଙ୍ଗି ମାସୁ । ଟକାଙ୍ଗା ବ୍ରିକ୍ସାନା ମେହେତୁ, ଏବିଏ ସେ କାବେ ଇସଡି ଟିକାଙ୍ଗା ମେହା ସିଡାନିବାଗା ଆଦାଙ୍ଗି ଆଜାନା ବିକାଲି ଆତୁ । ଆନା ଗିନା, ଏମ୍ଭେରିକି ଇବା ସିନା ଇଞ୍ଜି ଏଲୁ ଗିଇ ଗିଇ ତିନ୍ବା ଇନ୍ବା ଗିଆଡେ ରାହିଆତୁ । ଏବିକାଲି ଡାଇ ବୁଡା ରାହିଆତେଞ୍ଜୁ,**



ଏଥିରେ ଚଳିବ ଆଉ ଭିକ୍ଷା ମାଗିବ ନାହିଁ । ପୁଣି ବୁଢାକୁ କହିଲେ, ତୁମେ ଖାଇପିଇ ସବୁ ସମୟରେ ସୁନ୍ଦର ସୁନ୍ଦର ଗୀତଗାଇ ବଂଶୀ ବଜାଇବ ତାହା ଶୁଣି ରାଣୀ ଖୁସି ହେବେ । ବୁଢାବୁଢୀ ଟଙ୍କା ଗଣ୍ଠିଲିନେଇ କୁଡିଆ ଘରକୁ ଗଲେ, ଘରେ ପହଞ୍ଚି ଗଣ୍ଠିଲି ଖୋଲି ଟଙ୍କା ଦେଖି କାବାହେଲେ, କାରଣ ସେମାନେ ଏତେ ଗୁଡ଼ିଏ ଟଙ୍କା କେବେ ଦେଖିନଥିଲେ । ବୁଢାବୁଢୀ ଦୁହେଁ କୁହାକୁହି ହେଲେ, ଆମେ ଟଙ୍କା କଣ କରିବା, କାହାକୁ ଦେବା, ଯଦିଅ ଚୋରଦଳ ଜାଣିବେ ତେବେ ଏ ଟଙ୍କାତକ ନେବା ସଙ୍ଗେ ସଙ୍ଗେ ଆମ ଜୀବନ ମଧ୍ୟ ନେବେ ଭାବି ଖିଆ ପିଆ ନ କରି ଚିନ୍ତାରେ ରହିଲେ ।

ଏପାଡା ପିରଡି ବିକା ଏଙ୍ଗା ଗାଡି କାହାତେଞ୍ଜୁ । ବୁଡାତାରା ପିରଡି ଗାଡି ବେନ୍ଦ୍ରାତିକି ରାଜାଲି କିରୁ କେକ୍‌ସାନା ମାସେ । ଆତେକାବେ ଅଟେ ରିହେଗି ପିରଡି ଗାଡି ବୁଡାତାରା ବେନ୍ଦ୍ରା ପାକାନାତେ । ତିନିଦିନା ସାସି ବେଅଟି ବୁଡାବୁଡାଲି ଟକାଙ୍ଗା ବୁଦୁଲା ଆହାନାଇ ରାଜେନି ବାହାତାଙ୍ଗି ସାସୁ । ଜହାରି ଗିଆନି ରାଜେନିକି ବେସ୍ତୁ ଅ-ରାଜେନିତି ନିଆଟକାଙ୍ଗା ଇନୁନେ ଇଟାମୁ, ଆମୁକୁ ନାମୁ । କାହେ ଇସିଙ୍ଗି ଜାପା ଜାସିଜୀ ପହି ଆଇ ସାମୁ ଏଆ ଡେହେଙ୍ଗେ ପହିଆନାମୁ ଇଞ୍ଜୁ ବେସାନାଇ ତାଡା ବୁଡି ତାଙ୍ଗି ବ୍ହେତୁ । ବାହେଡେହେଙ୍ଗି ଜାପା ଜାସି ଜାସି ଲତ୍‌ନ୍ନା ଦିନା ଦେଶା ଗିଆନା ରାହିଆତୁ ।



ବୁଢା ଏହି ଚିନ୍ତାରେ ରହିବାରୁ ଆଉ ଗୀତ ଗାଇ ବଂଶୀ ବଜାଇବା ମଧ୍ୟ ଭୁଲିଗଲେ । ଏଣେ ରାଣୀ ବଂଶୀରେ ଗୀତ ଗାଇବା ଶୁଣିବାକୁ ଉତ୍କଣ୍ଠାର ସହିତ ଚାହିଁଥାଏ । ବୁଢାବୁଢୀ ନିଷ୍ପତ୍ତି ନେଇ ତିନିଦିନ ପରେ ଦୁଃଖଭରା ମନରେ ଟଙ୍କା ଗଣ୍ଠିଲି ନେଇ ରାଜାଙ୍କ ପାଖକୁ ଯାଇ  ଲମ୍ବାହୋଇ ଗୋଡ଼ତଳେ ପଡି ଟଙ୍କାତକ ଥୋଇଦେଲେ । ବୁଢା ରାଜାଙ୍କୁ କହିଲେ, ମାହାରାଜ ଆପଣଙ୍କ ଟଙ୍କା ଆପଣ ହିଁ ନିଅନ୍ତୁ । ଆମ୍ଭଙ୍କୁ ଦରକାର ନାହିଁ । ଆମେ ପୂର୍ବପରି ଭିକ୍ଷାକରି ମହାଶାନ୍ତିରେ ରହିବୁ । ରାଜାଙ୍କଠାରୁ ବିଦାୟ ନେଇ ବୁଢାବୁଢୀ ପୂର୍ବପରି ଭିକ୍ଷାକରି ଶାନ୍ତିମୟ ଜୀବନ କଟାଇଲେ ।

# ହୁକୁ ବେଅଟି ସୁଖ (ଦୁଃଖ ପରେ ସୁଖ)

ରଗସା ନାଜୁ ତାନି ଲଣ୍ଡେ ବାଟା ଗାଟାର ଏଙ୍ଗା ତାଡା ମ୍ରିଏଞ୍ଜା ରାହା ଆଇମାସୁ ଏବଂ ପାନାଡାଇ ହୁକୁ ମାସୁ । ତିନ୍ବା ଟାଟା ପାନାଡାଇ ଗାମେ ଦୁକୁ ପାନ୍ବିସୁ । ରନିସି ଟାଡି ମ୍ରିଏନି ବେସ୍ତେ ଏ ପୁଅ ଇନୁ ଗସାତାଗିଁ ସାଲାମୁ ଏଙ୍ଗା ବେମ୍କା ତାସୁ । ଗ୍ରାସାନାଇ ନିତ୍ବାକଡାନାଇ ରନିସି ପହିଆନା । ଗ୍ରିଏଞ୍ଜୁ ବାଡିଣ୍ଡାରା କାଣ ଡାଇ ମାସେଞ୍ଜୁଏଙ୍ଗା ବେସ୍କା କାତ୍କି ତେଞ୍ଜୁ । ସାକିଶଇ ଏଆନିଇ ଜେଡା ଏଆତେ ଏଡେଲିତାନି କକ୍ସାନା ବିକାଲି ଆତେଞ୍ଜୁ । ଏ ଡେଲି ତାନି ରଣ୍ଡି ଲାଆନି ଡେଃଙ୍ଗି ସାଞ୍ଜିତାରି ତୋନୁ ତଞ୍ଜା ଅତେ ଏଙ୍ଗା ବେସ୍ତେ । ଆ ଆପ ଇନୁ ବେସ୍କା ଅମୁ ଏଙ୍ଗା ଲଜକି ସାଲାମୁ । ଏଆଞ୍ଜୁ ପ୍ଲାତେଞ୍ଜୁ ଆନୁ ସାକେମାଇ କେଞ୍ଜୁ ଉନ୍ଞ୍ଜା ସିଡେକୁ । ଜେଡା ଏଗି ସିଗ୍ରାଏ ।



ଗୋଟିଏ ବଣୁଆ ଗାଆଁରେ ଜଣେ ବିଧବା ଓ ତାର ଜଣେ ପୁଅ ଥିଲା । ସେମାନେ ବେଶୀ ଗରିବ ଥିଲେ । ଖାଇବା ପିଇବାରେ ବେଶୀ ଦୁଃଖ ଅନୁଭବ କରୁଥିଲେ । ଦିନେ ତାର ମାଆ ପୁଅକୁ କହିଲା, ପୁଅରେ ତୁ ବଣକୁ ଯାଇ କିଛି କାଠ ଆଣି ବିକ୍ରିକରି ଖାଦ୍ୟ କିଣି ଆଜିର ଦୁଃଖ ଦୂର କରିବା । ରୋଗରେ ଥିବାରୁ ପୁଅର ମନ ଭଲ ଲାଗୁନଥିଲା । ମାଆର ବାରମ୍ବାର କଥା ଶୁଣି  ବଣକୁ ଯାଇ କାଠ କାଟୁଥିଲା କିନ୍ତୁ ଦୁର୍ବଳ ହୋଇ ସେ ଆଉ ପାରିଲାନାହିଁ । ବସିଲା, ବହୁତ ଦୁଃଖରେ ବସି ରହିଲା । ଏହି ସମୟରେ ଜଣେ ଦେବୀ ଆସି ଦେଖାକଲେ । ସେ ଅନେକ କାମ କରିବା ବିଷୟ ବୁଝାଇଲେ ।

ସାଞ୍ଜାଲାଆ ବୋଲେ ଓ ବସ୍ତେ ଇଜକି ସାଲାଗୁ । ଏଙ୍ଗା ନିଆଜାନି ତିନ୍‌ବା ଜାମୁ ମିଗେ ଗୁଲେମାନୁ । ଏଆଞ୍ଜା  ପଡ୍ରେ ଗୀତେଞ୍ଜୁ ଏଙ୍ଗା ବେସ୍କା ଇକଡି ଅତେଞ୍ଜୁ ଇଜକି ଏସାନାଇ ଟାଡନି ତିନ୍ବା ଜାତେଞ୍ଜୁ । ତାଡା ଆଜା ସଡଙ୍ଗା ଡାଇ ପ୍ରଃତେ ଏଙ୍ଗା ଓଟକିଙ୍ଗା ଡାଣ୍ଡାଲି ଗିକାତେ । ବଜେନେ ଟେକିଲା ଏଜୁ ଅଟେର ଟେକିତା କୁହାସାସେ । ଏଆ ମେଆନା ଟାଡି ଆଦାଙ୍ଗି ଆତେ । ମ୍ରିଏଞ୍ଜୁ ବେସ୍‌ନି ତେଃଙ୍ଗି ବେଗାଲି ମେଆନ୍ତ ଜିନିଷ ବେଏ ମାନ୍‌ବିତ । ବିଲାଡି ବେଲା ମ୍ରିସଞ୍ଜୁ ଇପାନ୍ବା କାତା ତାଡା ଆଜାନି ବେସ୍ତେଞ୍ଜୁ । ଲାଆ ତୁଃ ଆନାଇ ପାଇଟି ଗିତେକା ପାନ୍ବା ଉଗାଆନେ ଦୁକୁ ବେଅଟି ରେହାମାନେ ।



ଘରକୁ ଯିବାକୁ ପୁଅକୁ କହିଲେ । ସେ ଦେବୀର କଥାରେ କାଠ ନେଇ ଘରକୁ ଗଲେ ଏବଂ ମାଆକୁ ଖାଇବାକୁ ମାଗିଲେ । ମାଆ ରାଗିଲା । ହାଣ୍ଡି ଶାଳରେ ଯାଇ ଦେଖିଲା । ହାଣ୍ଡିରେ ଭାତ ଓ ଅନ୍ୟ ହାଣ୍ଡିରେ ତୁଣ ଅଛି । ସେ ପୁଅକୁ ଖାଇବାକୁ ଦେଲେ । ବଡ ଆଶ୍ଚର୍ଯ୍ୟ ହେଲାପରି ଆଶ୍ଚର୍ଯ୍ୟ ଘଟଣା । ସେ ଦେବୀ ବିଷୟ ମାଆକୁ ବୁଝାଇଲେ, ଦେବୀଙ୍କ କଥା ପ୍ରକାରେ କାମ କଲେ ଏବଂ ସେମାନଙ୍କ ଅବସ୍ଥା ଆସ୍ତେ ଆସ୍ତେ ଦୂର ହେବାକୁ ଲାଗିଲା ।

# (ସିରୁଡ଼ି) ଗୁଣ୍ଡୁଚି ମୁଷା


କାହେ କାଲା କାତା । ଅଯୋଧ୍ୟା ତାନି ର ଆଞ୍ଜୁ ରାଜେଞ୍ଜୁ ମାସେନି । ଏଆନି ତାରା ସେଣ୍ଡାଗାଟି ମ୍ରିଏନୁ ରାମଚନ୍ଦ୍ର । ତାଞ୍ଜିତାରା ଅକ୍ଟାମାନି ବାଗି ବେନ୍‌ବା ସେଲୁ ୧୪ ବାସାରି ଗଜାତାନି ରହି ଆଜାସେଞ୍ଜୁରସାତା ମାସି ଡେଲି ତାନି କଗାଞ୍ଜୁ ଲକ୍ଷ୍ମଣ ଏଙ୍ଗା ସୀତା ତାକେମାସୁ । ପଞ୍ଚବଟୀ ଗସାତାନି  ଇକେଦିନା ଇହାମାସୁ । ଲଙ୍କା ତାଞ୍ଜୁ ରାଜେଞ୍ଜୁ ରାବଣ ବେଗାଲ ରୁପ ବାବାଜୀ ଆଜାନାଇ ଜାପା ସାଜାସେଞ୍ଜୁ । ସୀତା ନାରା ସଞ୍ଜୁ ଲବାଗିଆ ନାଇ ପ୍ଲେକି ଅତେଞ୍ଜୁ । ରାମ, ଲକ୍ଷ୍ମଣ କୁଡିତାଙ୍ଗି ବ୍ଲେ ସାୟାଇ ମେଃତେରୁ ଯେ ସୀତା ସିଡେ ।  ନିବାଡି ଦାହାନାଇ ଏସ୍ତାବାନି କେ ଆନିବେଏ ସୁଦି ପାନା ତେରୁ ।



ପୂର୍ବ କାଳର କଥା  । ଅଯୋଧ୍ୟାରେ ଜଣେ ରାଜାଥିଲେ । ତାଙ୍କର ବଡ ପୁଅ ରାମଚନ୍ଦ୍ର । ପିତାଙ୍କ ସତ୍ୟ ରକ୍ଷା ନିମନ୍ତେ ଚଉଦ ବର୍ଷ ବନବାସ କରିଥିଲେ ।   ବନବାସ ବେଳେ ଭାଇ ଲକ୍ଷ୍ମଣ ଓ ସ୍ତ୍ରୀ ସୀତା ପାଖରେ ଥିଲେ । ପଞ୍ଚବଟୀ ବଣରେ କିଛିଦିନ ବାସ କରନ୍ତି । ଲଙ୍କାର ରାଜା ରାବଣ ଛଦ୍ମବେଶରେ ଭିକ୍ଷା ମାଗିବାକୁ ଗଲା । ସୀତାଙ୍କ ରୂପରେ ମୁଗ୍ଧହୋଇ ଚୋରି କରି ନେଇଗଲା । ରାମ ଲକ୍ଷ୍ମଣ କୁଟୀରକୁ ଫେରି ଦେଖନ୍ତି ସୀତା ନାହାଁନ୍ତି । ବହୁତ ଖୋଜା ଖୋଜି କରନ୍ତି ? କୌଣସିଠାରେ ସୀତାଙ୍କ ଖବର ମିଳିଲା ନାହିଁ ।

ପିଲାଙ୍କ କଥା

ଏମ୍ବାଡିକେ କିସ୍କିନ୍ଦିଆ ରାଜା ସୁଗ୍ରୀବ କେଏ ପୁଣ୍ଡାଆତେରୁ । ରିଆରୁ ତଡେ ଆଃ ତେର୍ଲ୍କାକାଡି ରାଜା ସୁଗ୍ରୀବ ତାଇ ଗାମେ ଡାଟା ଗାଟାକା ମାସେରୁ । ଏଆରିମାନେ ଅଞ୍ଜନାନି ମିରଞ୍ଜୁ ହନୁମାନର ଆଞ୍ଜୁ । ଏଆନି ଦକ୍ଷିଣ ଦିଗ କି ସୀତାନି ଦଃାପା ସେଲୁ ପାଣ୍ଡାଆତେ । ଏଆଞ୍ଜୁ ଚନ୍ଦ୍ରତାର ଜେଡାକାତି ମାସେଞ୍ଜୁ । ଶ୍ରୀରାମ ତାରିପାଙ୍ଗା ଆପାକାରି ଅଞ୍ଜାନାଇ ସାତୁ ସମୁଦ୍ର ପାର ଆତେଞ୍ଜୁ । ଏମ୍ବାଡାଇ ଲଙ୍କା ତାନି ତ୍ରେଜାନାଇ ସୀତାନି ଅଶୋକ ଗସାତାନି ପାଣ୍ଡିତେଞ୍ଜୁ । ରାମଚନ୍ଦ୍ରଇ ଅସାନାଙ୍ଗା ରାବଣାଇ ବ୍କାକା ବେସାନା ନାଙ୍ଗାଏ ଅପାତାଙ୍ଗି ସୁଦି ସିତେ । ମାକଡି ହନୁମାନ ଲଙ୍କା ମଡାହାନାଇ ସୀତାଞ୍ଜାରା ତାଉପୁଜୁ ତାସାନାଇ ରାମକି ସିତେ । ଇସିଙ୍ଗି ଆନ । ସାତୁ ସାମୁଦ୍ର ଚଃପା ଆନେ ଏକାତା ଦିତେ ।



ଶେଷରେ କିସ୍କିନ୍ଦାର ରାଜା ସୁଗ୍ରୀବ ସହିତ ଭେଟ ହୁଅନ୍ତି । ଦୁଇଜଣ ମିତ ବସନ୍ତି । ବାନର ରାଜା ସୁଗ୍ରୀବଙ୍କର ବହୁତ ବୀରମାନେ ଥାନ୍ତି । ସେମାନଙ୍କ ଭିତରୁ ଅଞ୍ଜନା ସୁତ ହନୁମାନ ଜଣେ । ତାଙ୍କୁ ଦକ୍ଷିଣ ଦିଗକୁ ସୀତା ଠାବ ପାଇଁ ପଠାଗଲା । ସେ ରାମଚନ୍ଦ୍ରଙ୍କର ପରମ ଭକ୍ତ । ଜୟ ରାମ ଶ୍ରୀରାମ କହି ସପତ ସିନ୍ଧୁ ପାର ହେଲା । ଶେଷରେ ଖୋଜା ଖୋଜି କରି ଅଶୋକ ବଣରେ ଠାବକଲା । ରାମଚନ୍ଦ୍ରଙ୍କୁ ଆଣି ରାବଣକୁ ମାରି ମୋତେ ନେବାକୁ ଖବର ଦେଲା । ହନୁମାନ ଲଙ୍କାପୋଡି କରି ସୀତାଙ୍କ ମଥାମଣି ଆଣି ରାମଚନ୍ଦ୍ରଙ୍କୁ ଦେଲା ।

ମାକାଡିଙ୍ଗାନି ରାଜେଞ୍ଜୁ ତାରା ମନ୍ତ୍ରୀ ଜାମ୍ବେବାନ ତାରା ବେସ୍କାକାତା ଡାଇଯୁଡେ ପାଞ୍ଜାତରି ଗିବା ଆତେରୁଲେ ମାକାଡାଙ୍ଗା ବାଡିଙ୍ଗା ଡେଃକାନା ତାତେକା ଏବା ଗୁଲେ ନଳଡିଗା ଇସେଞ୍ଜୁ । ଏବି ବାଡିଙ୍ଗା ସିରୁତାନି ପେଁ ପେଁ ଇମ୍ବା । ରାମ ଲକ୍ଷ୍ମଣ ଗାହେରି ଗପିସାର । ପାଇଟି ବୁଲି ଆଇ ମେଃପିସେରୁ । ଏଆରିତାଇ କାନଙ୍ଗା ରବାଃତାଏଲୁ ଇଟିତୁ ।ରଣ୍ଡେ ସିରୁଡି ସିରୁ ତାନି ଡୁବୁ ଇଞ୍ଜାନା ବାଲୁତାନି ଡଡଗା ଡଡଗି ଆଜାନାଇ ପିଡାତାଙ୍ଗି ସାଜାକା ଗାଣ୍ଡି ଜାଡପି ମାସେ । ବାଆ ଡେଃଙ୍ଗିତାରା କାବାଡି ମେଜାନାଇ ପେନୁ ରାମଚନ୍ଦ୍ରରେ ହାତା । ଏଆଡନି ଖାନତାନି ତିନିଗୋଟା ଦ୍ରିସ୍ନାଗାମାସୁ ଏଆତିନି ଡୁସିତେ ଏସିଗାଲା ଡଇନେ ।



କିପରି ସେତୁବନ୍ଧ ହେବ ସେ କଥା ପଡିଲା । ବାନର ରାଜାଙ୍କ ମନ୍ତ୍ରୀ ଜାମ୍ବବାନଙ୍କ ପରାମର୍ଶରେ ସେତୁବନ୍ଧ ପଡିଲା । ସବୁ ବାନରମାନେ ପଥରମାନ ବୋହି ଆଣନ୍ତି । ନଳ ସେଗୁଡିକୁ ଛୁଇଁ ଦିଅନ୍ତି । ସେହି ପଥର ପାଣିରେ ଭାସେ । ରାମ, ଲକ୍ଷ୍ମଣ ସେତୁ ବନ୍ଧର କାର୍ଯ୍ୟ ବୁଲି ବୁଲି ଦେଖନ୍ତି । ସେମାନଙ୍କ ଆଖି ଗୋଟିଏ ଜାଗାରେ ଅଟକିଗଲା । ଗୋଟିଏ ଗୁଣ୍ଡୁଚି ମୂଷା ପାଣିରେ ବୁଡି ବାଲିରେ ଗଡ଼ା ଗଡ଼ି ହୋଇ ବନ୍ଧ ଉପରକୁ ଆସି ଝାଡିହେଉଛି । ଏହା ଦେଖି ଭଗବାନ ରାମଚନ୍ଦ୍ର ତାକୁ ଖୁସୀରେ ଆଉଁସୀ ଦେଲେ । ସେହିଦିନଠାରୁ ଗୁଣ୍ଡୁଚି ମୁଷା ପିଠିରେ ତିନୋଟି ଗାର ଚିହ୍ନ ରହିଗଲା ।

# ଏଲୁ ସିଡାନୀ ରାଜାଲି (ରାଜାଙ୍କ ବିଚାର)

ର ଦିନାତାନି ରଆଞ୍ଜ ରାଜେଞ୍ଜୁ ମାସେଞ୍ଜ । ଏ ଆଞ୍ଜୁରଣ୍ଡା ରାଜାଲିନି ଡାଞ୍ଜି ତେଞ୍ଜ ଏବି ରିଣ୍ଡି ଗାମେ ରେହାଡାଇ ରାହିଆତୁ । ରବିଶି ରାଜେଞ୍ଜୁ ଦେଶା ତ୍ରେବା ସାଇଇଞ୍ଜି, ରାଜାଲିନିଇ ବେସତେଞ୍ଜୁ ରାବାଲି, ରାଜେନିଇ ବେସ୍ତେ ଇନୁଟିକେ ନାଙ୍ଗେ ଦେଶା ତ୍ରେପା ଅତାମୁଁଃ ଆନୁ ଦେଶାଙ୍ଗା ମେହି, ରାଜେଞ୍ଜୁ ଇସେଞ୍ଜୁ ରଜାଲିନି ଇନୁ ଦେଶାଙ୍ଗା ମେଃପା, ଆନାଗିବା ବାଦି, କୁନା, ଆତେନାବା ରାଜାଲି ବାଇଆକା ଇଞ୍ଜି ଅଟ୍ଗିତେ, ରାଜେଞ୍ଜ ଆପାକାରି ଇସେଞ୍ଜୁ । ଏବି ଦିନା ତ୍ରେବା ସାସୁ, ସାଜେଏ ସାଜେଏ ପାହେରିଆ ଦେରି ଗସା ଦିତେ, ଏମା ରାଜାଲି ଗାମେ ଏସ୍କିସାତେ, ରାଜେନି ବେସ୍ତେ ରାଜେନିତି ଆନୁ ଗାମେ ଏସ୍କିସାଇ ସାଇ, ରାଜେଞ୍ଜୁ ବେସ୍ତେଞ୍ଜୁ ଇସାରାବେ ଗିଆତି ରାଜାଲି, ଇମ୍ୟାତସିର ସିଡଆନା ସିରୁ ସିଆଇ,



ଗୋଟିଏ ରାଜ୍ୟରେ ଜଣେ ରାଜାଥିଲେ । ସେ ଜଣେ ରାଣୀଙ୍କୁ ବିବାହ କଲେ । ସେ ଦୁହେଁ ଖୁସିରେ ରହୁଥିଲେ । ଦିନେ ରାଜା ଦେଶ ଭ୍ରମଣ କରିଯିବି ବୋଲି ରାଣୀଙ୍କୁ କହିଲେ । ମୁଁ ମଧ୍ୟ ତୁମ ସଙ୍ଗେ ଦେଶ ଭ୍ରମଣ କରିବା ପାଇଁ ଇଚ୍ଛା ଅଛି ବୋଲି ରାଣୀ କହିଲେ, ରାଜା କହିଲେ ତୁମେ ରାଜ୍ୟ ଦେଖିବା ପାଇଁ ଆସିନାହଁ, ରାଜା ମନାକରିବାରୁ ରାଣୀ ଯିବି ବୋଲି ଯିଦ୍‌ଧରି ବସିଲେ ଏଣୁ ରାଜା ଉପାୟ ନ ପାଇ ହଁ କହିଲେ । ସେମାନେ ଦେଶ ଭ୍ରମଣରେ ବାହାରିଲେ । ଯାଉ ଯାଉ ଗୋଟିଏ ଜଙ୍ଗଲରେ ପହଞ୍ଚିଲେ । ସେହି ସ୍ଥାନରେ ରାଣୀଙ୍କୁ ଭାରୀ ଶୋଷ ହେଲା ।

ବାସୁ ଅଟେ ଏସେ ଦୁରୁକି ସାଶେକା ସିରୁପାନା, ଏମ୍ବାଉଣ୍ଡି ରାଜାଲି ଇକେ ପାହେରି ସାପନା ଆନୁ ୱଅଟେ ତାକା ମୁଏନୁ ନାଲେ ଏସ୍କିଡାଇ, ଡକା ବାସାଇଞ୍ଜାନେ, ଅଟେନାନ୍ଦେ ଡାଟାସିଟେ, ଇଞ୍ଜିନେଡେ କକ୍ତେ ରାଜେଞ୍ଜୁ ଗାମେ ବିକାଲି ଆତେଞ୍ଜୁ । ଆନାଗିଇ, ଇସିଙ୍ଗିଙ୍ଗିଇ ଇଞ୍ଜି ସିରୁ ଦାଃକାତେଞ୍ଜୁ । ଏମ୍ବାବାନିବେ ସିରୁ ପାନାତେଞ୍ଜୁ ଏଆନି ତାରିଏଲ୍ ମାଙ୍ଗ୍ରିତେ । ଏମ୍ବାଡାକେ ତାନ୍ଧା ପାତା କ୍ରସାଡ୍ନାଙ୍ଗାଟି ରାକା ଆକୁତାନିଏଟେଞ୍ଜୁ । ଏଙ୍ଗା ରାଜାଲିନିଭନ୍ଦ୍ୱାତିନି ସିତେଞ୍ଜୁ । ରାଜାଲି ରାକା ଉଞ୍ଜାନା ଡକା ସିନ୍ଧାଲି ଆତେ, ଏଙ୍ଗା ତାକିତେ । ଏମ୍ବାଡାଇ ଏବି ଏସେ ଦୁରୁକି ସାଜାନାଇଦେରି ଜଡ ତାଙ୍ଗିଏତୁ । ଜଡି କୁଡିତାନି ଡଙ୍ଗାରେଏଞ୍ଜୁ ମାସେଞ୍ଜୁ ରାଜେଞ୍ଜୁ ବେସ୍ରେଞ୍ଜୁ - ଅଡିଙ୍ଗାରେଏନ୍ତି ମାଙ୍ଗେଇଜୁ ଜଡି ଗ୍ରାପ୍ତାମୁ ଏସୁନି ପାଇଙ୍ଗାଁ



ସେ ରାଜାଙ୍କୁ କହିଲେ, ଆଉ ଅଳ୍ପବାଟ ଗଲେ, ପାଣି ମିଳିବ, ସେଠାରେ ପାଣି ପିଇବ । ଏହି ପରି କହିବାରୁ ରାଣୀ କିଛିବାଟ ଗଲାପରେ ଶୋଷରେ ତାଙ୍କର ତଣ୍ଟି ଶୁଖିଗଲା ଏବଂ  ଦୁର୍ବଳହୋଇ ସେହି ସ୍ଥାନରେ ହାଲିଆ ହୋଇତଳେ ବସି ପଡିଲେ । ରାଣୀଙ୍କର ଏପରି ଅବସ୍ଥା ଦେଖି ରାଜା ବ୍ୟସ୍ତ ହୋଇ ଜଙ୍ଗଲରେ ଏଣେ ତେଣେ ବୁଲି ପାଣି ଖୋଜିବାକୁ ଲାଗିଲେ, କିନ୍ତୁ ପାଣି ମିଳିଲା ନାହିଁ । ରାଜା ଗୋଟିଏ ଉପାୟ ଚିନ୍ତାକଲେ ଏବଂ ଗୋଟିଏ ଚଉପଦି ତିଆରିକରି ତାଙ୍କର ଜଙ୍ଘକାଟି ରକ୍ତ ବାହାର କରି ରାଣୀଙ୍କୁ ପିଇବାପାଇଁ ଦେଲେ ।

ଅବାକାତା ଅଦି ଆଞ୍ଜା ରାଜେନିତି କକ୍ରାଟୁ ଜଡି ଗ୍ଡାପ୍ତାଇ ଏମ୍ବାଡାଇ ଏବି ରିଣ୍ଡି ଡଙ୍ଗାତାନି କକ୍ରାଟୁ ଜଡି ଗ୍ଡୁପ୍ତାଇ ଏମ୍ବାଡାଇ ଏବି ରିଣ୍ଡି ଡଙ୍ଗାତାନି କକୁ । ଏବି ଇସିଙ୍ଗି ଡଙ୍ଗା ତାନି କକୁଙ୍ଗାରେଏଞ୍ଜୁ ଗାଡି କାହା ଟଣ୍ଡିତେଞ୍ଜୁ ।

"ଡଙ୍ଗାତାନି ରାଜେଣୁ ରାଜାଲି ସାଜିନୁ
ରେହାଡାଇଆନୁ ଗାଡି କାହାଇମାଇ
ପେନୁ ଗିରା ବେଣାମୁ ଇନୁ"

ପଡିମାଦେ ଏପାଙ୍ଗେଏ ଡଙ୍ଗାରେଏଞ୍ଜତାଡା ଗାଡିବେଞ୍ଜାନା ରାଜେନି କୁଡା ଡଙ୍ଗାରେଏନିବେସ୍ରେ ଆନୁ ନିଙ୍ଗେ ଡାଞ୍ଜାରାଇ ଇନିନାଙ୍ଗାଅତା ଦିନା, ଆନୁ ରାଜେନିଇ ଜଡିମାଦେ ନାସି, ରାଜେନି ସେଣ୍ଡ ଆନାରି ପାସ୍କିନେ ଇଞ୍ଜି ବୁଓଗିତେ,



ରାଣୀ ରକ୍ତ ପିଇ ତୃଷ୍ଣା ମେଣ୍ଟିବାରୁ ଶକ୍ତି ଫେରିଆସିଲା, ଏବଂ ସେ ଚାଲି ପାରିଲେ, କେତେ ବାଟ ଗଲାପରେ ଗୋଟିଏ ବଡ ନଦୀ ନିକଟରେ ପହଞ୍ଚିଲେ । ନଦୀ ତଟରେ ନାଉରିଆଟିଏ ଥିଲା । ରାଜା ନାଉରିଆକୁ କହିଲେ ନାଉରିଭାଇ, ଯାହା ଟଙ୍କା ନେବ ନିଅ, ଆମ୍ଭକୁ ନଦୀ ଆର ପଟକୁ ପାରିକରିଦିଅ । ନାଉରିଆ ହଁ କହିବାରୁ ଦୁହେଁ ଡଙ୍ଗାରେ ବସିଲେ । ଡଙ୍ଗାଟି ନଦୀ ଅଭିମୁଖେ ଚାଲିଲା । ନାଉରିଆ ଡଙ୍ଗାରେ ବସି ଗୀତ ଗାଇବାକୁ ଲାଗିଲା । ଡଙ୍ଗା ନଈ ମଝିରେ ପହଞ୍ଚିବାରୁ ନାଉରିଆର ଗୀତରେ ମୁଗ୍ଧହୋଇ ରାଣୀ ନାଉରୀଆକୁ ବିବାହ ନିମନ୍ତେ ଅନୁରୋଧ କଲା, କିନ୍ତୁ ରାଣୀଙ୍କର ଏହିପରି କହିବାର ଶୁଣି ନାଉରୀ ଉତ୍ତର ଦେଲେ,

ରାଜେଞ୍ଜୁ ସେଣ୍ଡକି ମେଃପାଙ୍ଗେ ରାଜାଲି ଜଡ ତାନି ନାସିତେ ରାଜେନି ଜଡି ଅତେ । ଡଙ୍ଗାରେଏନି ରାଜାଲିବେସ୍ତେ ସାଣ୍ଡାମୁ ଇଦେ ମିପେକି ସାନା, ଡଙ୍ଗାରେଏଞ୍ଜୁ ବେଲେନି ଲେପାଙ୍ଗା ଗାଟାଞ୍ଜୁ ମାସେଞ୍ଜୁ ଏଆଞ୍ଜୁ କଲ୍ସାସ ବାଗା ଆନାବେ ରାଜାଲି ପୁନା ସିଡାତେ ଏବି ଜଡି କୁଡୁ ତାଙ୍ଗିଏତୁ ଏ ଡେଲିତାନି ଏରେମ୍ବାଆଁ ଡଙ୍ଗାରେଏନ କୁଡା ସିହୁରି ଆହାନା ଡୁସାନା ତାପ୍କା ସେଲୁ ବାଇସେ, ନାତିସି ଆତେକା ଏଆନି ଜଡ କୁଡୁତାନି ଇଟା ବାଇସେ ଅଟେ । ବୁଲୁଡ ଆତେକା ତାପ୍କା ବାଇସେ । ତାଡାକୁଡା ତାପ୍କା ବାଇସାରା ମେହାନା ବାଡିଙ୍ଗା କଡାନା ଇନ୍ନାଇ କୁଡାଣ୍ଡି ଆଏ ଇଞ୍ଜି  ବାଡିଙ୍ଗାଡାଇ ବିପ୍କି ତେଞ୍ଜୁ । ଏରି ସିହୁରି ତୁହାନା । ଡିଡ ଏମ୍ବେକ୍ସିକି ଗେହିତେ । ଡଙ୍ଗାରେଏଞ୍ଜୁ ରାଜାଲିନି ବେସ୍ତେଞ୍ଜୁ । ଆନୁଲେପାଙ୍ଗା ଗାଟାନୁ ।



ରାଣୀ ରାଜା ମୋତେ ପ୍ରାଣରେ ମାରିଦେବେ । ଏଣୁ ଏହା ଅସମ୍ଭବ । ଏହା ଶୁଣି ରାଣୀ ନାଉରିକୁ କହିଲେ ରାଜାଙ୍କୁ ବୃଥାରେ ଆକାଶରେ କଣ ଉଡୁଅଛି କହି କଥାରେ ଭଣ୍ଡାଇ ନଇ ମଝିରେ ଠେଲିଦେବି ବୋଲି କହିଲା । ତତ୍ ସଙ୍ଗେସଙ୍ଗେ ଆକାଶରେ କଣ ଉଡୁଅଛି କହି ରାଜା ଉପରକୁ ଚାହିଁବାରୁ ରାଣୀ ରାଜାଙ୍କୁ ପାଣି ମଧ୍ୟରେ ଠେଲିଦେଲେ, ରାଜା ନଦୀରେ ଭାସିଗଲେ । କିଛି ସମୟପରେ ଡଙ୍ଗାଟି କୂଳକୁ ଲାଗିଲା । ରାଣୀ ନାଉରୀକୁ ତାଙ୍କ ଘରକୁ ଯିବାକୁ କହିଲେ । ନାଉରିଆ ପୂର୍ବରୁ ପଙ୍ଗୁଥିଲେ । ସେ ବସିଥିବା ଯୋଗୁଁ ରାଣୀତାଙ୍କୁ ପଙ୍ଗୁ ବୋଲି ଜାଣି ପାରିନଥିଲେ ।

ଅଆ ସିହୁରି ତାକାମୁ ଏଙ୍ଗା ନାଙ୍ଗେ ଡୁସାନା ଇଜଳି ଅତାମୁ ରାଜାଲି ଡଙ୍ଗାରେଏନି ଡସାନି ଇଜଳି ଅତେ ? ଏଙ୍ଗା ରାଜାଲି ଆଦାଙ୍ଗ ଆଜାନା ତ୍ଲାଉ ତାନି ଲାଜୁ ସିଅଅନ । ଟଟ୍‌କିନା ନେଡେକ କ୍‌ତେ ।ଏ ଆଞ୍ଜି ବେସ୍ରେଞ୍ଜୁ ରାଜେଞ୍ଜୁ ନାଙ୍ଗେ ମୃକ୍ରେଞ୍ଜୁଗେନା । ଏଙ୍ଗାତାନୁ ଏଲୁ ଗିତେ । ଗାଡ ଲଆନ୍ତ୍ୟରା ବେଞ୍ଜାନାଇ ଆନ୍‌ମନ୍ ଆତେ । ରାଜେନି ଜଡସିରୁ ତାନି ନାସିତେ । ଇଦେ ଇସିଙ୍ଗି ଗିଆନା ଗୁଲେଦିନା ଇଆନି ଡୁସାନା ଅଇ ଇଞ୍ଜାନା ବିଳାଇ ଆତେକାବେ । ଏ ଆନି ଡୁସାନା ଇଜ୍‌କି ଅତେ । ଏ ଆନିତାରି କୁଡି ଇଡୁ ମାସେ । ଜଡି ଅଇସି ରାଜେନି କେଉଟେଏଞ୍ଜୁ ପାଟେଞ୍ଜୁ ଏଙ୍ଗା ଏଆନି ଗୁଲେତାରା ବେସେଞ୍ଜୁ । ଏମ୍ବାଡାଇ ରାଜେଞ୍ଜୁ ତାନ୍ଦାରା ଦୁକୁ କେରଣ୍ଡି ବେସ୍ତେଞ୍ଜୁ ।



ମୁଁ କେଡେ ମୁର୍ଖ ମୁଁ କିଛି ନ ଜାଣି ଏହି ପଙ୍ଗୁର ଗୀତରେ ମୁଗ୍ଧହୋଇ ମୋ ରାଜାଙ୍କୁ ନଦୀରେ ଠେଲି ଦେଲି, ବର୍ତ୍ତମାନ କଣ ବା ଉପାୟ ଅଛି ବୋଲି ଭାବି ସେହି ପଙ୍ଗୁଟାକୁ ଝୁଡିରେ ବୋହି ତାର କୁଡିଆ ଘରକୁ ନେଇଗଲା । ରାଜାଙ୍କୁ ଜଣେ କେଉଟ ନଦୀରେ ପାଇଲା, କେଉଟ ରାଜାଙ୍କୁ ସବୁକଥା ପଚାରନ୍ତେ ରାଜା ତାଙ୍କର ଦୁଃଖର ଘଟଣା ସବୁ କହି ଦେଲେ । ସେହି ରାଜ୍ୟରେ ରାଜା ନଥିବାରୁ ସେହି ରାଜ୍ୟର ରାଜା କରାଗଲା । ଆରବର୍ଷ ରାଜ୍ୟରେ ମରୁଡି ପଡିଲା । ଲୋକମାନେ ଖାଦ୍ୟ ନ ପାଇବାରୁ ହାହାକାର୍ ହେଲେ,

କେଉଁ ଟେଏଞ୍ଜୁ ରାଜେନି ତାଡା ଦେଶାତାଙ୍ଗି ଅତେଞ୍ଜୁ ଏଦେଶାତାନି ରାଜେଞ୍ଜୁ ସିଜାତ ବାଗାଏଅଅନି ଏମ୍ବା ରାଜେଞ୍ଜୁ ଗିତେରୁ । ଏଜେଇଟି ବାସାରି ଏଦିନା ତାନି ମରୁଡି (ଜୁଗା) ଦିତେ, ଲକୁ ତନ୍ଦ୍ରା, ଇନ୍ଦ୍ରା ପାନାତେରୁ ଏରାଲଞ୍ଜାନା ରାଜେଞ୍ଜୁ ବିରା ସିଉରାକା ତୁହତେକା କୁଡିଙ୍ଗା ସିହୁରାକା ସିବା ଆନେ ଇଞ୍ଜୁ ଟମ୍‌ଟ୍‌ମା ବେପାଗିତେଞ୍ଜୁ । ଲକୁ ପାଇଟିତାଙ୍ଗି ସାସେରୁ ଡଙ୍ଗାରେଏଞ୍ଜୁ ଅଟେତାଡା କୁଡା ତନ୍ଦ୍ରା, ଉନ୍ଦ୍ରା ପାନାଡାଇ ଯୁଗାଇସ ଗୁଲେ ଲୁକୁ ପାଇଟିତାଙ୍ଗି ସାଜାସାକା ରାଜେଞ୍ଜୁ ଏଆଡନି ଜାମା ଇଞ୍ଜାନ୍ ପୁନା ସିଡାତା ଏବି ପଣ୍ଡିରିଣ୍ଡି ଏମ୍ବାଙ୍ଗି ସାସୁ ଏବେଲେନେ ରାଜେଞ୍ଜୁ ପାଇଟି ଲକୁରି ବେସାସେଞ୍ଜୁ ଏସି ଆସାମିଡୁ ।



ଏହା ଜାଣି ରାଜା ମାଟି ଗୋଟେ ଝୁଡି ଫିଙ୍ଗିଲେ ଧାନ ଗୋଟେ ଝୁଡି ଦେବେ ବୋଲି ଘୋଷଣା କଲେ । ଏହା ଶୁଣି ସମସ୍ତେ ରାଜାଙ୍କ ନିକଟରେ କାମ କରିବାକୁ ଲାଗିଲେ । ଏହି ସମୟରେ ନାଉରୀ ଏବଂ ତା ସ୍ତ୍ରୀ ଦୁହେଁ ଭୋକ ଉପାସରେ ସଢୁଥିଲେ । ରାଜାଙ୍କର ଘୋଷଣା ଶୁଣି ନାଉରୀ ତା ସ୍ତ୍ରୀକୁ କହିଲା ଚାଲ ଆମେ ସେଠାକୁ ଯିବା, ତୁ ସେଠାରେ ମାଟି ଫିଙ୍ଗିଲେ ଆମେ ସୁବିଧାରେ ଚଳିବା । ସେମାନେ ସେଠାକୁ ଗଲେ,

ତାଡା ଜାମାଇ ସିହୁର ତାନି ଡୁସାନା ବାନେ ଏବାସାନି ନାଇବା ହାତାଙ୍ଗି ପାଣ୍ଡାଦେରୁ । ଏବି ଏମ୍ବାଙ୍ଗେଏପାଙ୍ଗେ ରାଜେଞ୍ଜୁ ବେସାମଙ୍କିଡହେଙ୍ଗି ବେସ୍ତୁ ଏଆ ବେଞ୍ଜାନା ଏବି ଏଲୁ ଗିତୁ ମାଇ ପାଇଟି ମୁଆନା ବାଗା ମାଙ୍ଗେ ବେଡା ନଆନା ଆରେ ତିନ୍ବା, ଉନ୍ବା ତିଲ ଗିଆ ଦେଞ୍ଜୁ ଇଞ୍ଜି ରେହାଡାଇଶାସୁ । ଏବାସାନି ମେହାନା ବେଲେତା ଗୁଲେ ତ କାତା ଲକୁଜ୍ ବେସ୍ତେଞ୍ଜୁ ଇଜ୍ ଆସାମିଡା ନେକାରି ଆଆତେ ଇଞ୍ଜି ଏବାସାନି ଏମ୍ବାଡାଇ ପେହିତେଞ୍ଜୁ ରାଜେଞ୍ଜୁ ରଣ୍ଡା ବେଗାଲତାରା ଡାଞ୍ଜାନାଇ ମୁଖରେ ଦିନା ଦେଶା ଗିଆ ନାଇ ରାହି ଆତେଞ୍ଜୁ ଏଙ୍ଗା ବେଲେତାରି ଲଜାଲି ଲେପାଙ୍ଗ ଗାଟି ଡଙ୍ଗାରେଏଞ୍ଜୁକେ ଦିନା ଦେଶା ଗିଆନା ରାହିଆତେ ।



ଏଥି ପୂର୍ବେ ରାଜା ଲୋକମାନଙ୍କୁ କହିଥିଲେ କୌଣସି ସ୍ତ୍ରୀ ଲୋକ ଯଦି ଝୁଡିରେ ପୁରୁଷକୁ ଧରି କାମ ପାଇଁ ଆସିଲେ ମୋ ନିକଟକୁ ଖବର ଜଣାଇବ । ସେମାନେ ଦୁହେଁ ସେଠାରେ ପହଞ୍ଚିଲେ । ଲୋକମାନେ ତାଙ୍କୁ ରାଜା ଡାକୁଛନ୍ତି କହି ରାଜାଙ୍କ ନିକଟକୁ ନେଇଗଲେ ଏହାଶୁଣି ସେମାନେ ଖୁସିରେ ଭାବିଲେ, ଆମେ କାମ କରିପାରିବୁ ନାହିଁ । ଏହା ରାଜା ଜାଣି ଆମ୍ଭମାନଙ୍କ ପାଇଁ ଖାଇବାର ବ୍ୟବସ୍ଥା କରିଦେବେ ବୋଲି ଡକାଇଛନ୍ତି । ରାଜା ସେମାନଙ୍କୁ ଦେଖି ଜାଣିଲେ ଏବଂ ସେମାନଙ୍କୁ ସେହି ରାଜ୍ୟରୁ ତଡିଦେଲେ ଏବଂ ଅନ୍ୟ ଗୋଟିଏ ରାଣୀଙ୍କୁ ବିବାହ କରି ଶୁଖ ଶାନ୍ତିରେ ରହିଲେ ।

# କଗେରି ପରିବାର ନେଗି ପରିବାର
# (ଛୋଟ ପରିବାର ସୁଖି ପରିବାର)


କଞ୍ଚା ତାରିନାଜୁ । ପାଦା ତାନ୍ଦେ ଡେଲାର ପଦର । ଗାଁ ପସି ଡ୍ରେଆଡି ଆଏକି କଗାତାରି ଆଏ ।  ଏନାଜୁ ତାନି ରିକଡି ପରିବାର ରହି ଆଜାନେରୁ । ମିତ ମଲିକ ଏନାଜୁ ତାନି ରାହି ଆଇ ସେଞ୍ଜୁ । ତାଇ ୭ଟା ମିଲାକା । ଏଆଞ୍ଜୁ କାଲୁ ଗାମେ ଗଃପି ସେଞ୍ଜୁ  । ମିଲାକାନେ ନେଗାଡାଇ ଡିନ୍ଦ୍ୱାସିବା ସୁପି ସିତେଞ୍ଜୁ । ଟ୍ରୀଇ ମିଲାକୀନେ ଅମ୍ବାରିବେ ଇସ୍କୁଲିତାନି ପାଣ୍ଡାଇ ସିଉତେଞ୍ଜୁ । ବେଡେକେ ଇଆଞ୍ଜୁ ସ୍ୱାସ୍ଥ୍ୟକର୍ମୀ ପ୍ରାଙ୍ଗେ ପରିବାର କଲ୍ୟାଣ ଅସ୍ତ୍ରୋପ୍ରଚାର ଗିବାତକି ବୁଝାଇ ଗିଆ ମାସେଞ୍ଜୁ କିନ୍ତୁ ଏ ଆଞ୍ଜୁ ଅମ୍ପରତାଆ ବେଏ କାତା ବେନାତେଞ୍ଜୁ  । ନାଜୁ ତାନି ହଇଜା ଲାଗି ଆତେ । ଲକୁ ବେସ୍ତେର ପେନୁନି ବଲି ସିଆନ ବାଦା ପେନୁ ସଡାଙ୍ଗା ଆଜାନେ । ହଇଜାତାନି ଶହ ଶହ ଲକୁସବିତେରୁ ମିତ ମଲିକ ତାଡା ଆପି



ଛୋଟ ଗାଁଟିଏ । ନାଆଁ ତାର ଡେଲାର ପଦର ।  ଗାଁଟି ବେଶୀ ବଡ ନୁହେଁ କି ବେଶୀ ଛୋଟ ନୁହେଁ । ସେହି ଗାଁରେ ରହେ ମିତ ମଲିକ । ସେହି ଗାଁରେ ୪୦ଟି ପରିବାର ରୁହନ୍ତି । ତାର ୭ଟି ଛୁଆ । ସେ ମଦ ପିଏ । ପିଲାମାନଙ୍କୁ ଭଲ ଭାବରେ ଖାଇବାକୁ ଗଣ୍ଡେ ଦେଇପାରେନି । କୌଣସି ପିଲାକୁ ସ୍କୁଲକୁ ଛାଡେନାହିଁ । ଥରେ ଜଣେ ସ୍ୱାସ୍ଥ୍ୟକର୍ମୀ ତାଙ୍କୁ ପରିବାର କଲ୍ୟାଣ ଅସ୍ତ୍ରୋପ୍ରଚାର କରିବାପାଇଁ ବୁଝାଇଥିଲେ କିନ୍ତୁ ସେ କାହାରି କଥା ଶୁଣିଲା ନାହିଁ । ଥରେ ଗାଁରେ ହଇଜା ଲାଗିଲା ଲୋକମାନେ କହିଲେ ଦେବତାକୁ ବଳି ନ ଦେବାରୁ ଦେବତା ରାଗିଛି । ହଇଜାରେ ଶହ ଶହ ଲୋକମଲେ । ମିତର ସ୍ତ୍ରୀ ଓ ୫ଟି ପିଲା ମଧ୍ୟ ମୃତ୍ୟୁ ବରଣ କଲେ

ପିଲାଙ୍କ କଥା

ଏଗାଂ ୫ଟି ପିଲାକା ସାବିତେରୁ । ଏଜା ମେହାନା ମିତ ଡିତେଞ୍ଜୁ କାରଣ ଏଆଞ୍ଜୁ ଠିକ୍ କେକତ ତାନି ତ୍ରାଇମିଲାକୀନି ଓଷସିତା ମୁଆତେଞ୍ଜୁ ।  ଏଆଞ୍ଜୁ ତାଗ ପରିବାର ତାଆ ଦୁଃଖ ପୁସେଞ୍ଜୁ । ଏଆଞ୍ଜୁ  ପରିବର୍ତ୍ତନ ବେସାମା ଗାତେଞ୍ଜୁ ଏଆଞ୍ଜୁ ତାଆ ମିଲାକାନି ରିଆରି । ମିଲାକାନି ପାଠ ପଢି ଆବାତିକି ସ୍କୁଲତାନି ପିସ୍ତେଞ୍ଜି । ଏମ୍ବାଡାଇ ଏଆଞ୍ଜୁ ଅଟେ କାଲୁ ଗିଃପା ତୁଃତେଞ୍ଜୁ । ତାଇ ମିଲାରିଆରୁ ପାଠ ପଢିଜାନା ଚାକିରି ପାଡେରୁ । କଗାତାରି ପରିବାର ତାଆ ପଚଡରୁ କଗାତାରି ପରିବାର ତା ଆଉପକାର ଗୁଲେ ବୁଝି ଆତେଞ୍ଜୁ । ଏମ୍ବାଡାଇ ଏ ଆଞ୍ଜୁ ନେକାଡାଇରାହି ଆତେଞ୍ଜୁ । ଗୁଲେ ତଗାରୁ ପୁକବାକାତା ଯେ କଗେରି ପରିବାର ନେଗି ପରିବାର ।



କାରଣ ସେ ଠିକ୍ ସମୟରେ ପିଲାମାନଙ୍କୁ ଔଷଧ ଦେଇ ପାରିଲା ନାହିଁ । ଏହାଦେଖି ମିତ କାନ୍ଦି ପକାଇଥିଲା । ଏହା ପରେ ସେ ବଡ ପରିବାରର ଦୁଃଖ ବୁଝିପାରିଥିଲା ।  ଏହାପରେ ସେ ପରିବର୍ତ୍ତନ ହୋଇ ଯାଇଥିଲା । ତାର ଦୁଇଟି ପିଲାକୁ ପାଠ ପଢିବାପାଇଁ ସ୍କୁଲକୁ ଛାଡିଲା । ମଦ ପିଇଲା ନାହିଁ । ପିଲା ଦୁଇଟି ପାଠ ପଢି ଚାକିରି କଲେ । ସେ ଛୋଟ ପରିବାରର ଉପକାର ବୁଝି ପାରିଲା । ଗାଁର ଲୋକମାନଙ୍କୁ ଛୋଟ ପରିବାରର ଉପକାର ବୁଝାଇ ଦେଲା । ସମସ୍ତେ ଜାଣିବା କଥା ଯେ ଛୋଟ ପରିବାର ସବୁବେଳେ ସୁଖି ପରିବାର ।

# ଲବା ବୁଡାଲି (ଲୋଭି ବୁଢ଼ା)

ନାଜୁତାଲୁ ପାଦୀ ଲଙ୍କା ମୁଣ୍ଡା । ଏ ନାଜୁତାନି ବୁଡା ଏଙ୍ଗାବୁଡାଲି ବିସୁ । ଏ ମା ଗାମେ କସ୍ନା ତାହି ଗିଆସୁ । ରନିସି ବୁଡା ବୁଡାଲିନି ଇସେଞ୍ଜୁ ବୁଡାଲି ଲା, ରଣ୍ଡା ବଜୁ କ୍ରାନିଏଙ୍ଗା କୁସାଗିନା । ବୁଡାଲି ଇସେ "ଆନିକାତା ବେଣ୍ଟିଞ୍ଜା ଦିତେ ବୁଡା ବାଟାଙ୍ଗା ସେନା ତିନା ଉଙ୍ଗା ଏସେକା ବେଏ ତିନ୍ବା ତିକି ଆଏ" । ବୁଡା ତାରି କୂକି ସାଲାତୋ ଗାମେ ଦିକାଲି ଆତେଞ୍ଜୁ । ଏସେ ଦିନା ଦେଅଟି ଇସେଞ୍ଜୁ  "ବୁଡାଲିଲା ଆନୁ ଅଗସାତୀଙ୍ଗି ସାକା ସେଏ । ଏମ୍ବା ରବେକୁ ପଲାତା ମାସିତୋନୁ ନାଙ୍ଗେ ବେସ୍ତା ତେଞ୍ଜୁ, ବିଏ ଡାଇ ବେଗା ଦିନା ରନ୍‌ଡା ରଣ୍ଡା କକୁ କ୍ରାସାନା, ଭଙ୍ଗା ପାଲା ବାକାନା ଇମ୍ବାଙ୍ଗି ତାସା କି ଆଦି ଏଙ୍ଗା ନାଇ ବେଞ୍ଜି ନୋହାରା ଏ ନାଙ୍ଗେ କଃତାଦି ।



ଗାଁଟିର ନାମ ଲଙ୍କମୁଣ୍ଡା । ସେହି ଗାଁରେ ବୁଢା ଓ ବୁଢୀ ରହୁଥିଲେ । ସେମାନେ ବହୁତ କୁକୁଡା ପୋଷିଥିଲେ । ଦିନେ ବୁଢା ବୁଢୀକୁ କହିଲା ବୁଢୀଲୋ ଗୋଟିଏ କୁକୁଡା କାଟି ତରକାରୀ କରିବା । ବୁଢୀ କହିଲା କି କଥା କହୁଛୁରେ ବୁଢା, ଅଣ୍ଡା ସିନା ଖାଇବା ମାଂସ କେବେ ହେଲେ ଖାଇବାକୁ ହେବନାହିଁ । ବୁଢାର କୀୟାଁ ଗଲାନାହିଁ । ବହୁତ ଚିନ୍ତା ଧରିଲା । କେତେଦିନ ପରେ ବୁଢା କହିଲା, ବୁଢିଲୋ, କଣ କହିବି  । ମୁଁ ସେ ଜଙ୍ଗଲଲୁ ଯାଇଥିଲି । ସେଠାରେ ଗୋଟିଏ ଗଛ କୋରଡରେ ଥିବା ଦେବତା ମୋତେ କହିଲେ "ତୁମେ କାଲିଟାରୁ ପ୍ରତିଦିନ ଗୋଟିଏ ଗୋଟିଏ କୁକୁଡା କାଟି ମାଂସ ବାତ ରାନ୍ଧି ମୋ ନିକଟକୁ ଆଣିଦେବ" । ଦେଲାବେଳେ ମୋ ଆଡକୁ ଅନାଇବ ନାହିଁ । ଏହା ଯଦି ନ କର ତେବେ ତୁମର ସବୁ କୁକୁଡା ତୁମକୁ  ଓ ତୁମ ବୁଢୀକୁ ଦିନକରେ ଖାଇଦେବି ।

ଇଆ ଗିଆ ଦେକା ଶୁଲେ କସ୍ଲ, ନିଙ୍ଗେ ଏଙ୍ଗାନି ବୁଡା ଲିନି ରନି ସେଏ ତିଇ ଅଜି ତିଙ୍ଗି ଆନୁଆଁ ଇସେ" । ବୁଡା ବୁଡାଲିସାକତି ଆକାନା ଗାମେ ବାସି ଆତୁ । ବୁଡାଲି ଇସେ, ଆନା ଗିନା ଆଜୁ ରିଆସୁ ସାବା ଗିନ ନେଗି ଆନେ । କସ୍ମା ବାସେ ସାଲାକାଇ । ଆପାକାରି ବି ଏଡାଇ ଅଆଜିବି । ବୁଡାଲି ବେଇତିଡାଇ ବେଗାଦିନାଭଙ୍ଗା ପାଲା ଅବକିତେ । ପେନୁବେଞ୍ଜୀ ମେହାରାଏ କଃପାଜିତେ । ପେନୁ କଡି କଡି ଅବିତେଞ୍ଜୁ । ରନିସି ବୁଡାଲି ଏଲୁ ଗିଆରାଏଭଙ୍ଗ; ପାଲା କଃତାବା ଏପଲା ଲାଇ ମ୍ନେଃତୋ ପେନୁଇମେଃତେ । ଏପେନୁ ଏମ୍ବାଇର ତାଡା ବୁଡାନେ । ସଡାଙ୍ଗାଡାଇ ବୁଡାଇ ଅଡେ କିକେସେ ବୁଡାଇ କମ୍ଭିତେ ଏଙ୍ଗା କସ୍ମି କସ୍ମି ଏଆନିଇ ଇଜିକି ଆତେ । ନାକୁତା କାତା କପ୍‌କା ଗିତେ ଏଙ୍ଗା ବୁଡାକି ଛାଡ ତାତ୍ର ସିତେ ।



ଭୟକରି ମୁଁ  ହଁ କହିଲି । ବୁଢାବୁଢୀ ବହୁତ ମନକଷ୍ଟରେ ଆଲୋଚନା କଲେ । ବୁଢୀ କହିଲା କଣ କରିବା ଆମେ ଦୁହେଁ ମରିବା କଣ ଭଲ ହେବକି ? କୁକୁଡା ମଲେ ମରିଯାଉ । କାଲିଠାରୁ ନେଇ ଦେବ । ବୁଢୀ ତହି ଆରଦିନ ଟାରୁ ପ୍ରତିଦିନ ମାଂସ ଭାତ ଦେଇଦେଲା । ଦେବତାଙ୍କ ଆଡକୁ ନ ଅନାଇ ଦେଇଦେଲା । ଦେବତା ମଧ୍ୟ ନେଇଗଲେ । ଗୋଟିଏ ଦିନ ମାଂସ ଭାତ ଦେଲାବେଳେ ବୁଢୀ  ସେହି କୋରଡକୁ ଅନାଇଲା । ଦେଖିଲା ଯେ, ଦେବତା । ସେ ଦେବତା କିଏ ? ସ୍ୱୟଂ ସେହି ବୁଢା । ରାଗରେ ବୁଢାକୁ ବାହାରକୁ ଟାଣିଲା । ବୁଢାକୁ ପିଟିଲା ଓ ପିଟି ପିଟି ଘରକୁ ନେଇ ଗାଁରେ ପଞ୍ଚାୟତ ବସାଇଲା ଓ ସେଥିରେ ବୁଢୀ ବୁଢାକୁ ଛାଡପତ୍ର ଦେଇ ଦେଲା ।

# ମାକାଡାକା ଏଙ୍ଗା ଟୁପିଗାଟାନି କାତା
# (ମାଙ୍କଡ଼ ଓ ଟୋପିବାଲା କଥା)

ରନିସି ରଆଞ୍ଜୁ ଟୁପିଗାଟାଞ୍ଜୁ ଟୁପିଙ୍ଗା ଆହାନା ଆଟାତାଙ୍ଗି ପ୍ରାପାସେହୁ ତାକି ତାକି ସାଜି ମାସେଞ୍ଜୁ । ଏ ଡେଲିତାନି ଗାମେ କାରା ଆଇମାସେ । ଏଙ୍ଗା ଟୁପି ଗାଟାଞ୍ଜୁ ତାକି ତାକି ଗାମେ ବାହିତେଞ୍ଜୁ । ଏଙ୍ଗା ସାଜେ ସାଜେ ର ମାହା ମ୍ରାହଣ୍ଡି ପୁଣ୍ଡି ତେଞ୍ଜୁ । ଏଙ୍ଗା ଏମ୍ବା ତାନ୍ଦାରା ଟୁପି ବୁଦୁଲା ଇଟାନାଇ ନେଡେ ବାହା କକ୍ ତେଞ୍ଜୁ ଦେଡାଡାଇ ତେଞ୍ଜୁ । କକେ କକେ ସିଡି ଲୁଙ୍ଗୁରୀ ଟୁପି ବୁଡାଇ ପାଟେ । ଏଙ୍ଗା ଟୁପି ବୁଡା ଏମ୍ବା ସ୍କାରନା ସୁଞ୍ଜୁ ତେଞ୍ଜା । ସୁଞ୍ଜୋ ସୁଞ୍ଜୋ ଡକା କ୍ଲାପା ଟଣ୍ଡି ତେଞ୍ଜୁ । ଟୁପି ବୁଡା ତାରା କ୍ଲାପା ସାଦା ବେଞ୍ଜାନା । ମ୍ରାହଣ୍ଡି ସେଣ୍ଡ ମାସି କାକାଡାକାଗୁଲେ ବାଜାନାଙ୍ଗା ଟୁପି ବୁଜୁଲାତେ ରନ୍‌ଡା ରଣ୍ଡା ଅଆନା ମ୍ରାନୁ ସେଣ୍ଡକି ସାସୁ ।



ଦିନେ ଜଣେ ଟୋପିବାଲା ଟୋପିଗୁଡାକ ଧରି ବଜରକୁ ବିକିବାପାଇଁ ଚାଲି ଚାଲି ଯାଉଥିଲା । ସେହି ସମୟରେ ଭାରୀ ଖରା ହେଉଥିଲା । ତେଣୁ ଟୋପିବାଲା ଚାଲି ଚାଲି ହାଲିଆହେଲା ଏବଂ ଯାଉ ଯାଉ ଗୋଟିଏ ଆମ୍ବ ଗଛ ଭେଟିଲା ଏବଂ ସେଠାରେ (ଗଛ ମୂଳରେ) ନିଜର ଟୋପି ଥଳୀଟିକୁ ତଳେ ଥୋଇଦେଇ ହାଲିଆ ମାରିବାପାଇଁ ବସିପଡିଲା । ବସୁ ବସୁ ଟୋପୀ ଶୀତଳ ପବନ ବାଜିବାରୁ ବୁଢାଟି ସେଠି ତଳେ ଶୋଇ ପଡିଲା । ବୁଢାଟି ଶୋଉ ଶୋଉ ଘୁଙ୍ଘୁଡି ମାରିବା ଶବ୍ଦ ଶୁଣି ଗଛ ଉପରେ ଥିବା ମାଙ୍କଡ଼ମାନେ ଆସି ଟୋପି ଥଳୀରୁ ଗୋଟି ଗୋଟି ନେଇ ଗଛ ଉପରକୁ ଗଲେ ଏବଂ ବୁଢା ଯେମିତି ମୁଣ୍ଡରେ ଟୋପି ପିନ୍ଧିଛି

**ଏଙ୍ଗା ବୁଡା ଇସିଙ୍ଗି ଟୁପି ଡ୍ଲାଉତାନି କିଆ ନେଞ୍ଜୁ ଏରା ମେହାନା ମାକାଡାକା ବେ ତାଡା ତାଡା ଟ୍ଲାଉତାନି କିତୁ । ଏସେ ଡେଲି ବେଅଟି ଟୁପିଗାଟାନିତାଇ ସୁସୁକାନ୍ଙ୍ଗା ପିଃତ । ସତିଟି ମାସି ଟୁପି ବୁଜୁଲା ମେଃତେଞ୍ଜୁ ଏଙ୍ଗା ଏମ୍ବା ରନ୍‌ଡବେଲେ ଟୁପି ସିଡେ । ଆଦାଙ୍ଗି ଆଦାନା ଇନେକି ଏନେକି ମେହେ ମେହେ ସେଣ୍ଡକି ମେଃତେଞ୍ଜୁ । ଆଙ୍ଗେ ମାକାଡିଙ୍ଗାନି ଡ୍ଲାଉତା ଟୁପିଙ୍ଗା ମାନଜୁ ଇଆ ମେହାନା ବୁଡା ଆଦାଙ୍ଗି ଆଜାନା ଗାଲାତା କାଜୁ ଇଟାନା ବିକାହି ଆତେଞ୍ଜୁ ।  ଇସିଙ୍ଗି ଗିଆନା ମାକାଡାକା ବାହାଡାଇ ଟୁପିଙ୍ଗା ଜାନେ୍‌ଜୁ ଏଙ୍ଗା ଆଟାତାନି । ପ୍ରାକାନେଞ୍ଜୁ । ଟୁଗାଟାଞ୍ଜୁ ଗାମେ ବୁଦି ଏଲୁଗିତେଞ୍ଜୁ । ମାକାଡାକାନି ଟୁପିଙ୍ଗା ଜାତେଞ୍ଜୁ । ଆତେକାବେ ମାକାଡାକା ଟୁପିଙ୍ଗା ସିବା ସେଲୁ ଡାଡ୍ରିଆତୁ ।**



ତାହା ଦେଖି ସେମାନେ ମଧ୍ୟ ନିଜ ନିଜ ମୁଣ୍ଡରେ ପିନ୍ଧିଲେ । କିଛି ସମୟ ପରେ ଟୋପି ବାଲାର ନିଦ ଭାଙ୍ଗିଗଲା ଏବଂ ପାଖରେ ଥିବା ଟୋପି ଥଳୀ ଦେଖିଲା ସେଠାରେ ଗୋଟିଏ ହେଲେ ବି ଟୋପିନାହିଁ । ଆଶ୍ଚର୍ଯ୍ୟ ହୋଇ ଏପଟେ ସେପଟେ ଦେଖୁ ଦେଖୁ ବୁଢା ଉପରକୁ ଚାହିଁଦେଲା । ପ୍ରତ୍ୟେକ ମାଙ୍କଡ ମୁଣ୍ଡରେ ଟୋପ ଅଚି ଏହା ଦେଖି ବୁଢା ଆଶ୍ଚର୍ଯ୍ୟ ହୋଇ ଗାଲରେ ହାତ ଦେଇ ଚିନ୍ତାକଲା । କିପରି ଭାବେ ମାଙ୍କଡ ମାନଙ୍କଠାରୁ ଟୋପି ଗୁଡାକ ମାଗିବେ ଏବଂ ହାଟକୁ ବିକ୍ରି କରିଯିବେ । ଟୋପିବାଲା ବହୁତ ବୁଦ୍ଧି ଖଟାଇଲା । ମାଙ୍କଡମାନଙ୍କୁ ଟୋପି ଗୁଡାକ ମାଗିଲା ହେଲେ ମଧ୍ୟ

ଏ ଡେଲିତାନି ଡେଲ୍‌ବେ ସାନେମାସେ ଟୁପିଗାଟାଞ୍ଜୁ ଆଟାକି ସାଲାବ୍ ସେଲୁ ତନ୍ଦ୍ରା ଆଇମାସେଞ୍ଜୁ ।ସାକଡି ଆଜାନା ଗ୍ରାହୁଣ୍ଡି ଲାଇ କକ୍‌ସାନା ବିବାଲି ଆତେଞ୍ଜୁ । ଅଟେ ଆନାରୀବେ ପାହେରୀସିଡେ । ଅଟେ ଟୁପିଙ୍ଗା ମେଲିଆଅ । ଇରା, ଏଲୁ ଗିଆନା ତାନୁ କିଆ ମାସି ଟୁପି କଡାନା ଦୂରୁକି ତୁତେଃଞ୍ଜୁ । ଇରା ମେହାନା ଆଙ୍ଗେଗାଡି ମାକାଡାକାବେ ତାଡାତାଡା କିଆମାସି ଟୁପିଙ୍ଗା କଡାନା ଦୁରୁକି ତୁଃତୁ । ବାପାଡା ବୁଡା ରେହା ଡାଇ ରଣ୍ଡା ରଣ୍ଡା ପେସ୍କିତେଞ୍ଜୁ ଏଙ୍ଗା ବୁଦୁଲାତାନି ଅଆନା ଆଟା କି ସାସେଞ୍ଜୁ । ଗୁଲେ ଟୁପୁଙ୍ଗା ପ୍ରାସାନା ଇଜକି ସାସେଞ୍ଜୁ ।



ମାଙ୍କଡମାନେ ଟୋପି ଗୁଡାକ ଦେବାପାଇଁ ଅନିଚ୍ଛା ପ୍ରକାଶ କଲେ । ସେଠି ସମୟ ମଧ୍ୟ ବିତିଯାଉଥାଏ । ଟୋପିବାଲା ହାଟକୁ ଯିବାପାଇଁ ବ୍ୟସ୍ତ ହେଉଥାଏ । ମନଦୁଃଖରେ ଗଛ ମୂଳରେ ବସି ଚିନ୍ତାକଲା । ଆଉ କୌଣସି ଉପାୟ ନାହିଁ । ଆଉ ଟୋପିଗୁଡାକ ମିଳିବ ନାହିଁ । ନିଜ ମୁଣ୍ଡରେ ପିନ୍ଧିଥିବା ଟୋପିକୁ ଦୂରକୁ ଫିଙ୍ଗିଦେଲା ଏହା ଦେଖି ପ୍ରତ୍ୟେକ ମାନଙ୍କମାନେ ମଧ୍ୟ ନିଜ ନିଜ ପିନ୍ଧିଥିବା ଟୋପି ଦୂରକୁ ଫିଙ୍ଗିଦେଲେ । ଟୋପି ବୁଢା ମନଆନନ୍ଦରେ ଟୋପିଗୁଡାକୁ ଗୋଟେଇ ଗୋଟେଇ ନିଜ ଟୋପି ଥଳୀରେ ନେଇ ହାଟକୁ ଗଲେ । ସବୁ ଟୋପିଗୁଡାକ ବିକ୍ରିକରି ଘରକୁ ଗଲେ ।


# ପେନୁ ତଞ୍ଜାଆତାରୀ (ଭଗବାନଙ୍କ ଆବିର୍ଭାବ)

**ନେଞ୍ଜୁକେ ୨୦୦୦ ବାସାରି ବେଲେତାରିକାତା । ପୁଲବାଣୀ ଜିଲ୍ଲା, ରାଇକାଣ୍ଡ ବ୍ଲକ୍ ଗୁମାମାହା ପଞ୍ଚାୟତ ତାନି ସନ୍ଦକୁପା ଇଞ୍ଜାନା କଗାରୀ ନାଜୁମାନେ । ଏମ୍ବା କୁଇଙ୍ଗା, ଏଙ୍ଗା ଡମାଙ୍ଗା ହେକୁ ଲଖି ମାନେରୁ । ଟିକ୍‌ନା ଇ ଡେଲି ତାନି ଏସ୍ତି କେତା କୁଇଟି ତାସାଗାଟାଞ୍ଜୁ ପାଟା ଗିପନେଞ୍ଜୁ ଏରି କେତା ତାଡାସଅନେ ଏଗାନାଙ୍ଗା ପାଙ୍ଗିତେ ଏବି ଗୁଲେତାଇ ଜାମ, କୁଡା ମିଡା, ନାହଡି, ଏଙ୍ଗା ନାଙ୍ଗେଲ ଜୁଏଲି ସେରୁ ଗୁଲେ ଟାଣା ଲାଇକି ସଟୁ । ଏମ୍ବା ସିରୁ ବୁଟ୍‌କି ବୁଝକିନା ହର୍ଡାତେ ।ଲକୁ ଗୁଲେ ଦିନା କ୍ତଇମାନେ ଇଞ୍ଜି ଆଜିତେରୁ ।**



ଆଜକୁ ଦୁଇ ହଜାର ବର୍ଷ ତଳର କଥା । ଫୁଲବାଣୀ ଜିଲ୍ଲା ରାଇକିଆ ବ୍ଲକ ଗୁମାମାହ ପଞ୍ଚାୟତର ସନ୍ଦକୁପା ଗାଁ ଋଷୀର କଥା ଋଷୀଟି ଋଷ କରୁଥାଏ, ଏତିକିବେଳେ ଯେଉଁ କ୍ଷେତରେ ଚାଷୀଟି ଲଙ୍ଗଳ କରୁଥିଲା ତାହା ଆପେ ଆପେ ଫାଟିଯାଇ ସେମାନେ ସମସ୍ତ ସ୍ୱାମୀ, ସ୍ତ୍ରୀ, ପିଲା, କୁକୁର ଓ ହଳ ଲଙ୍ଗଳ ସବୁ ତଳକୁ ଅର୍ଥାତ୍ ପାତାଳକୁ ପଶିଗଲେ । ସେଠି ପାଣି ଭୁସ୍ ଭୁସ୍ ହୋଇ ବାହାରିଲା । ଲୋକମାନେ ଗାଁ ବୁଡି ଯାଉଛି କହି ଡରିଗଲେ ।

**ଇଗୁଲେତ ପେନୁ ରସାନାରୀ ପାହେରି । ଏସ୍ତେ ଟାଡା ପାଙ୍ଗିତେ ଏ ଲାଇଟି ଲାଇଟି ପାହେଇ ଆତେ । ଏବି ସାଜାନା ଫୁଲବାଣୀ ଜିଲ୍ଲାତାମାନେ ସାରଙ୍ଗଡା ବ୍ଲକ୍ ତାନି ମାନିର ଗଗେରି ନାୟୁ "ବନ୍ଦଗଡ" ତାନି ଟିକ୍‌ନା ଏ ଆଡେ ହେଙ୍ଗି ଗଡାପାଟୁ ପାଙ୍ଗାନା ଗୁଲେ ତାଇ ସୁତ୍ତାତୁ ।**



ଏ ସବୁତ ଭଗବାନଙ୍କର ଲୀଳା ଯେଉଁ ଜମିଟି ଫାଟିଗଲା ତା ଭିତରେ ଭିତରେ ରାସ୍ତା ହେଲା । ସେମାନେ ଯାଇ ଫୁଲବାଣୀ ଜିଲ୍ଲାର ସାରଙ୍ଗଡା ବ୍ଲକରେ ଥିବା ଗୋଟିଏ ଛୋଟ ଗାଁ "ବନ୍ଦଗଡ"ଠାରେ ଠିକ୍ ସେମିତି ଗୋଟିଏ ଜମି ଫାଟି ଯାଇ ସମସ୍ତେ ବାହାରି ଗଲେ ।

ପିଲାଙ୍କ କଥା

**ନାହଡି, ସେରୁ ଗୁଲେ । ଏମ୍ଣାମାନି ଲକୁ ତାକା ଏଥାରୀ ଏଙ୍ଗାଏ ବାହାତିନି ପେନୁ ସ୍ବହାମାଞ୍ଜାନାରୀ ସପାଡି ବାହାଇଞ୍ଜାନା ଲାକଇନେରୁ । ନେଞ୍ଜୁ ଟୁକ୍‌ନା ଏମ୍ଣା ଦାଲାଲକୁ ତାକାରଜାନାଇ ଲାକାଇନେରୁ । ଏର "ବନ୍ଦଗଡ" ଲାକା ପାଦାତେ ପାଦା ଗଜାଲ । ଇନେଟି ଏସ୍ତି ଟାଣାତାନି । ଏସ୍ତିଇଡୁ ଲକୁ ଟାନାଲାଇଛି ସାସେରୁ ଏମ୍ଣା ରଣ୍ଡେ ଦେଇସୁଗା ଆଜାନେ ଏସୁଗାପାଦା "ବଟକୁସୁଗା" ଇମ୍ଣାବେ ନେଞ୍ଜୁ ଟୁକ୍‌ନା ଦେରି ଡଣ ଇଞ୍ଜି ଲାକା ଆଇମାନେ ଇକାତା ଆଇଲ ନୁଡେ ସତକାତା ନେଞ୍ଜୁ ଟୁକ୍‌ନା । ଏ କୁଟୁମି ଲକୁ ତାକା ପ୍ରାଡାନାଇ ଏସନ୍ଦ କୁପା ନାମ୍ଯୁତା ମାନେରୁ ।**




କୁକୁର, ହଳ ବଳଦ ସହ ବାହାରିବାରୁ ସେଠାକାର ଲୋକମାନେ ଭାବିଲେ ଯେ ସେଠାରେ ଭଗବାନ ବାହାରିଲେ । ଲୋକମାନେ ସେମାନଙ୍କୁ ତଥା ସେହି ଜାଗାକୁ ଭଗବାନଙ୍କର ପୂଜାପୀଠ ବୋଲି ପୂଜାକଲେ । ଆଜି ପର୍ଯ୍ୟନ୍ତ ସେଠି ଗୋଟିଏ ବଡ ଧରଣର ପୂଜା ହୁଏ । ତାହା "ବନ୍ଦଗଡ" ପୂଜାରେ ନାମିତ ।

ଏଣେ ଯେଉଁ ଜମିରେ ସେହି ପରିବାର ପାତାଳକୁ ଗଲେ ସେଠାରେ ଗୋଟିଏ ବଡ ଚୁଆଁ ହୋଇଛି । ତାର ନାମ "ବଟକୁସୁଗା" । ଏଠାରେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ବଡ ଧରଣର ପୂଜା ହେଉଛି । ଏହି କଥାଟା ହେଉଛି ପ୍ରକୃତ ସତ୍ୟ କଥା ବର୍ତ୍ତମାନ ସୁଦ୍ଧା ତାଙ୍କରି ବଂଶଧରମାନେ ସେଠାରେ ବଂଶ ବିସ୍ତାର କରି ରହିଛନ୍ତି ।


# ସାହୁ ତେନୁ (ସାହୁପାତ୍ର କଥା)

**ଗାମେ ବାଷାରି ବେଲେ ଏ ମାଇ ନାଜୁ ତାନି ରଆଞ୍ଜୁ ପାତ୍ରା ବୁଡା ମାସେଞ୍ଜୁ । ଏ ବୁଡାଇ ନାଜୁତାକା ଗୁଲେ ଲକୁ ଦେରାଞ୍ଜୁ ଇଞ୍ଜି ଏଲୁ ଗିଆନା ଆଡାନା ରାହି ଆଇ ସେରୁ । ଇରି ରଣ୍ଡି ପାତ୍ରାଙ୍ଗା ଲକୁରି ମେଃପିସି ଡେଲି ତାରି କାତା । ଏ ଡେଲି ତାନି ପାତ୍ରାଙ୍ଗା ଗାମେ ପୁନ୍ମ୍ବା ଗାଟାକା ଏଙ୍ଗା ପାନ୍ମ୍ବା ଗାଟାକା ଇଞ୍ଜି ଲକୁତାକା ଏଲୁ ଗିପିସେରୁ । ପାତ୍ରା ବୁଡା ଲକୁ ତାରା ନେଗି ଡଇ ମେଃପି ସେଞ୍ଜୁ । ଏଆନି କାତାଡାଇ ଆକା ଗୁଲେ ତାକା ରାହି ଆଇସେରୁ । ଏଆରୁ ମିଞ୍ଜାନା ତିନାକା ମାସେରୁ ଏ ଡେଲି ତାନି ପାତାରେ ଏନି ଡେଃକା ନାଙ୍ଗା ଡ୍ରେଃପି ସେରୁ । ନାଜୁତାନି ଡ୍ରେଗାତାକା ନାହୁତାରା ଆନାରାଆ ଆତେକ ସାଞ୍ଜା ନାରା ମେଃତେକା ଲବାଗିଆନା, ନାନ୍ଦି ଆତେ ଇଜ୍ଜାନା କାଦୁଡେ ଡିଗାନା ସାଜିସେରୁ ।**



ଆଗରେ ଆମ ଗାଁରେ ଜଣେ ପାତ୍ର ବୁଢାଥିଲେ । ତାଙ୍କୁ ଗାଁର ମୁଠା ମୁଖିଆ କୁହାଯାଉଥିଲା । ଏହା ଥିଲା ରାଜା ଶାସନର ଏକ ଅଂଶ । ଉକ୍ତ ବ୍ୟକ୍ତି ଜଣଙ୍କ ଖୁବ୍ ପ୍ରତିପତ୍ତିଶାଳୀ ଥିଲେ । ତାଙ୍କ ଅନୁସାରେ ଗାଁର ଭଲମନ୍ଦ ବିଚାର କରାଯାଉଥିଲା । ମାତ୍ର ସେ ଥିଲେ ସଂପୂର୍ଣ୍ଣ ସ୍ୱାର୍ଥପର ଓ କ୍ରୋଧି । ନିଜର ପ୍ରତିପତ୍ତି ବଢାଇବାପାଇଁ ସବୁବେଳେ ଇଚ୍ଛୁକ ଥିଲେ । କାରଣ ଅନ୍ୟମାନେ ତାଙ୍କ ନିକଟରେ ଅଜଣା ଥିଲେ । ନିଜର କାର୍ଯ୍ୟ ସଂପାଦନା କରିବାକୁ ଥିଲେ ଲୋକଙ୍କୁ ବେଠି କରାଉଥିଲେ । ଏଥିରେ ଲୋକ ମନାକଲେ ନିଜର ବଳ ଦେଖାଉଥିଲେ । ନ୍ୟାୟ ନିଷ୍ପତି ସମୟରେ ନିଜର ନ୍ୟାୟ ହିଁ ରଖୁଥିଲେ ।


ଏସି ଦିନାଡାହ ଏଆରି ତାରି ଆଇସେ । ପାତ୍‌ରାଙ୍ଗା ମୁଲିଆ ସିଆ ଡେଏ ତାନ୍ଦାରା ପାଇଟି ଆରେ ଗିବା ଗିପିସେରୁ । ଆତେକାବେ ଲକୁତାକା ପାତ୍‌ରାଙ୍ଗାନି ଆନା ବେଏ ଇନିମ୍ବା ଆସ୍କିସେରୁ । ବାରତ ସ୍ୱାଦିନ ଆତି ବେଅଟି ଲକୁମନ ତାନି ରଣ୍ଡେପୁନି ଏଲୁ ଗାଡି ଆତେ । ଏମ୍ବାଡାଇ ଲକୁତାକା ପାତ୍‌ରାଙ୍ଗାନି ବାଦିଡାଇ କତା ବେସ୍ୱା ଟଣ୍ଡିତେରୁ । ଏସି ବାଗାଡାଇ ପାତ୍‌ରାଙ୍ଗା ନାରି ଡାଟା କଗେ କଗେ ସାସେ । ଏଙ୍ଗା ଡେଶନା ତିନିମ୍ବା ଅଟେ ଅନ୍ୟାୟ ବାହାଡାଇ ଲକୁତାକା ନିମ୍ବା ପାଟେରୁ । ଇରିମାସେ ଏଡେଲି ତାରି ରଣ୍ଡେ ଗାମେ ଦୁକୁକାତା । ଡେଃଙ୍ଗି ପାତ୍‌ରାଙ୍ଗା ଶାସନ ଗିପିସି କାଲତାନି ଲକୁତାକା କଷ୍ଟ ପାଞ୍ଜାନା ମାସେରୁ । ନାଇ ପାଦା ଜଗନ୍ନାଥ ସାହୁ ତେନୁ ଆନୁ ମାଷ୍ଟ୍ର ତେନୁ ଟୁଟାମାହା ଇସିକୁଲି ତାନୁ



ଲୋକଙ୍କୁ ଶୋଷଣ କରି ସର୍ବସ୍ୱାନ୍ତ କରିଦେଉଥିଲେ । ଏପରିକି କାହର ଭଲ ଜିନିଷ ଦେଖୁଥିଲେ ତାହା ନିଜ ଘରକୁ ପଠାଇବା ପାଇଁ ଆଦେଶ ଦେଉଥିଲେ । । ଏପରି ଅନ୍ୟାୟ କଷ୍ଟ ବେଶିଦିନ ରହିଲାନାହିଁ । ଦେଶ ସ୍ୱାଧିନ ପାଇବା ପରେ ଲୋକଙ୍କ ମନରେ ଏକ ନୂତନ ଆଲୋକ ସଂଚାର ହେଲା । ଏହା ବିରୁଦ୍ଧରେ ଲୋକଙ୍କର ସ୍ୱର ଉତ୍ତୋଳନ ହେଲା । ଏହା ଫଳରେ ତାଙ୍କର ପ୍ରତିପତ୍ତି ଦିନକୁ ଦିନ ହ୍ରାସ ପାଇଲା । ଶୋଷଣ ଓ ଅନ୍ୟାୟରୁ ଲୋକେ ମୁକ୍ତ ହେଲେ । ଏହା ଥିଲା ସେ ସମୟର ଏକ ଦୁଃଖ । ପାତ୍ର ଶାସନ ଗଲା ପରେ ଲୋକେ ଶାନ୍ତିରେ ରହିଲେ ।

# ରାଜା କେରଣ୍ଡି (ରାଜାଙ୍କ କାହାଣୀ)

ରନିସି ର ଗାମେ ବାସରିତାଞ୍ଜୁ କୁଏଞ୍ଜୁ ଗନ୍ଧମାର୍ଦ୍ଦନ ସରୁ ନେଡେ ମାସି ସରୁତା ଇକେ ସିର୍କା ଅସ କାର୍ସାନା ଦାଃପିସେଞ୍ଜୁ । ଉତେନେ ର ବାଡି ପାଟ୍‌ତା ଡାଇ ସିରୁ ସ୍ତୃଃତାତେ ବୁଡା ଆଦାଙ୍ଗି ଆତେଞ୍ଜୁ । କାର୍ପା ଏସେଏ ଗିଅଅନା ଏଆଞ୍ଜୁ ଇଜକି ବ୍ଵେଡ଼ତେଞ୍ଜୁ । ଏସିଗାଲ ନାଡାଙ୍ଗି ଏଆଞ୍ଜୁର ଆଦାଙ୍ଗି ତାରା କ୍ଵଞ୍ଜା ମେଃତେଞ୍ଜୁ ଏଆନି କାର୍ପିମାସି ବାହାମାସେ ସିବତାରି ବାହା (ବାସା) । ଆଦି କୁଇ ବୁଡା ଡାଇସି ନିଙ୍ଗାନା ଏରେମ୍ବା ମାସି ରାଜା ରାମାଇ ଦେଉଇ ଏ କାତା ପୁନ୍ବା ଗିତେଞ୍ଜୁ । ରାଜା ତାନୁନେ ବେଏ ଏ ବ୍ଵିଞ୍ଜା ନାଡାଙ୍ଗି ମେହାସେଞ୍ଜୁ ।



ଏକଦା ଜଣେ ବୟସ୍କ କନ୍ଧ ଏହି ପର୍ବତର (ଗନ୍ଧମାର୍ଦ୍ଦନ) ପାଦ ଦେଶରେ ଥିବା ଜଙ୍ଗଲରେ କିଛି ଚେରମୂଳ ଔଷଧ ଖୋଜୁଥିଲେ । ହଟାତ୍ ଗୋଟିଏ ପଥର ସନ୍ଧିରୁ ଛୋଟ ଝରଣାଟିଏ ଉତ୍ସରିତ ହେଲା । ବୃଦ୍ଧ ଚମକି ପଡିଲା । ସେତିକିରେ ଖୋଳିବା ବନ୍ଦ କରି ସେ ଘରକୁ ଫେରିଗଲେ । ସେହି ରାତ୍ରିରେ ସେ ଏକ ଅଦ୍ଭୁତ ସ୍ୱପ୍ନ ଦେଖିଲା । ସେ ଖୋଜୁଥିବା ସ୍ଥାନରେ ଥିବା ଶିଙ୍କର ଆସ୍ଥାନ । ବୃଦ୍ଧ ଆଦିବାସୀ ସକାଳୁ ଉଠି ସେଠାରେ ଥିବା ରାଜା ରାମାଇ ଦେଓଙ୍କୁ ଏହି ବିଷୟରେ ଜଣାଇଲା । ରାଜା ନିଜେ ମଧ୍ୟ ସେହିପରି ଏକ ସ୍ୱପ୍ନ ରାତ୍ରିରେ ଦେଖିଛନ୍ତି ।

ପିଲାଙ୍କ କଥା


**ରାଜେନି ଏ ବେସ୍କାଡାଇ ଏ ବାହାଡାନି ର ଲାଡାଇଡୁ (ମନ୍ଦିର) ଗାଡିଗିବା ଆତେ । ଶିବ ପେନୁଡାରା ଲାବା ଡାକାଡି ଗିବା ଆତେ । ଏସେ ଲର୍ବୁ ଏ ଲଡୁଡାଇ (ମତରେ)ଇ ବାହାଡାନି ତଙ୍ଗା ମାସି ରାଜା ବୈକାଲ ଦେଓଙ୍କର ରାଜେନି ରାଣୀ ଦୁର୍ଲାଭା ଦେବୀଇ ଲାକାଇଡୁ (ମନ୍ଦିର) ଗାଡିବିବା ଗିଆମାସେ ।**



ରାଜାଙ୍କ ଆଦେଶରେ ସେହି ସ୍ଥାନରେ ଏକ ମନ୍ଦିର ନିର୍ମିତ ହେଲା । ଶିବଙ୍କ ପୂଜାର ବ୍ୟବସ୍ଥା କରାଗଲା । କେତକଙ୍କ ମତରେ ଏହି ଅଞ୍ଚଳରେ ସୁପ୍ରସିଦ୍ଧ ରାଜା ବୈକାଲ୍ ଦେଓଙ୍କର ରାଣୀ ଦୁର୍ଲଭା ଦୁର୍ଗାଦେବୀ ଏହି ମନ୍ଦିର ନିର୍ମାଣ କରାଇଥିଲେ ।

# ଅଟର ଉଲା କେରଣ୍ଡି (ଅଠର ଓଲା କଥା)

ର ରାଇଜ ତାନି ରଆଞ୍ଜୁ ରାଜେଞ୍ଜୁ ମାସେଞ୍ଜୁ । ଏ ଆନି ତାଡା ଅଲିଆ ଲକୁ ତାକା ଅଟର ଗାଣ୍ଡି ମାସେରୁ । ରାଜେଞ୍ଜୁ ଅଟର ଲକୁରି ର କେତାତାଙ୍ଗି ସେରୁ ଡୁବାତାଙ୍ଗି ପାଣ୍ଡିତେଞ୍ଜୁ । ଏଆରୁ ଏସେକା ବେ ସେରୁ ଡୁଆ ସିଡାତେରୁ । କେଣ ତାଙ୍ଗି କଡିଙ୍ଗା ଆଆନା ଆରେ ଡ୍ରେଃ ଆନାଇ ତାତେରୁ । ଏଙ୍ଗା ରାଜେନି ବେସ୍ତେରୁ ଯେ, ରାଜେନିତି ଆମୁ ଗୁଲେ କେଣାତିନି ଡୁଆନାଇ ବାତାମୁ, ଏଙ୍ଗା ସାକିସାଇ ନାମୁ । ରାଜେଞ୍ଜୁ ସାଙ୍ଗେ ସାଙ୍ଗେ ଏଆରିକି ଏଜୁ ସିବା ପିତେଞ୍ଜୁ । ଅଟର ଲକୁ ତାକା ଏଜୁ ଉଞ୍ଜା ପ୍ଲାହାଙ୍ଗା ଜେଗା ତେରୁ । ପ୍ଲାହାଙ୍ଗା ଜେଲବା ସସାକା ସଲା ଜେଜେନାଇ ତାତେରୁ ।



ଗୋଟିଏ ରାଇଜରେ ଜଣେ ରାଜାଥିଲେ । ତାଙ୍କର ଅଠର ଜଣ ହଳିଆ ରହୁଥିଲେ । ରାଜା ସେହି ଅଠର ଜଣ ହଳିଆମାନଙ୍କୁ ବିଲକୁ ହଳ କରିବାକୁ ପଠେଇଲେ । ସେମାନେ କେବେ ହେଲେ ହଳ କରି ନ ଥିଲେ ।  ବିଲକୁ ବଳଦ ନେଇ ଖାଲିରେ ଚାରିଆଡେ ବୁଲେଇ ଆଣିଲେ । ତା ପରେ ରାଜାଙ୍କୁ କହିଲେ ଯେ, ରାଜା ଆମେ ସବୁ ବିଲକୁ ହଳ କରିଛୁ । ଆମକୁ ବେଶି ଭୋକ ଲାଗୁଛି । ରାଜା ସାଙ୍ଗେ ସାଙ୍ଗେ ସେମାନଙ୍କୁ ଖାଇବାକୁ ଦେଲେ । ଅଠର ଜଣ ହଳିଆ ଭାତ ଖାଇଲେ ଏବଂ ତଳି ଝିକିବାକୁ ଗଲେ । ତଳି ଝିକିବା ଲୋକ ଘାସ ଝିକିକି ଆଣିଲେ ।

ପିଲାଙ୍କ କଥା

ରାଜେଞ୍ଜୁ ଏଆରି ବେସେଞ୍ଜୁ ଇରା ଆନା ତାସାଞ୍ଜେରୁ । ଏଆରୁ ଇସେରୁ ଆଏ ରାଜେନିତି ପ୍ଲାହାଙ୍ଗା ଗୁଲେ କଡିଙ୍ଗା ଡିସୁ । ଏଙ୍ଗା ଆମୁ ସଲା ତାସାନାମୁ । ର ବେଇତି ମୁଇଁଷି ଗିକାଦୁ କେଣ ଉହିକାନା ଇସେଞ୍ଜୁ । ଏଙ୍ଗ ଆସାସାନି ପ୍ଲାହାଙ୍ଗା ଜେଜେନାଇ ତାତୁ ଏଙ୍ଗା କେତା ତାଙ୍ଗି ଉହାସାସୁ । କେଣ ମେଃତୁ ଯେ, କେଣ ଡୁବା ଆଆ ସିଡେ । ଏଙ୍ଗା ଆସାସାକା ରାଜେନି ବାହା ତାଙ୍ଗି ବାତୁ ଏଙ୍ଗା ବେସ୍ତୁ । ଏରାଜେନିତି କେଣ ଡୁବା ଆଆ ସିଡେ । ଆନାବାନି ଉହିନାମୁ । ଏଙ୍ଗା ରାଜେଞ୍ଜୁ ଅଟର ଲକୁରି ଟେକି ରଣ୍ଡା ପ୍ରାଙ୍ଗା ଅଟର ସେର ସିଆନାଇ ପେହିତେଞ୍ଜୁ । ଏଆରୁ ସାସେରୁଏଙ୍ଗା ର ଗସାତାନି ପାଲା ବାଜିତେରୁ ।



ରାଜା ସେମାନଙ୍କୁ ପଚାରିଲେ ଏହା କଣ ଆଣିଛ । ସେମାନେ କହିଲେ ନାଇ ରାଜା ତଳି ସବୁ ଗାଈ ଖାଇଦେଲେ ତେଣୁ ଆମେ ଘାସ ଆଣିଛୁ । ତହି ଆରଦିନ ବିଲକୁ ମୁଇଁଷି କରିବାକୁ ପଠେଇଲେ । ତା ପରେ ସ୍ତ୍ରୀ ଲୋକମାନଙ୍କୁ ତଳି ଝିକିବାକୁ ପଠେଇଲେ । ସେମାନେ ତଳି ଝିକି ଆଣିଲେ । ତା ପରେ ବିଲକୁ ଗଲେ ବିଲ ଦେଖିଲେ ଯେ ବିଲକୁ ଚାଷ କରାହେଇନି । ତା ପରେ ସ୍ତ୍ରୀ ଲୋକ ରାଜାଙ୍କ ପାଖକୁ ଆସି କହିଲେ । ରାଜା ବିଲ ଚାଷ କରାହେଉନି କେଉଁଠାରେ ବିଲ ଲଗାଇବୁ । ତା ପରେ ରାଜା ଅଠର ଜଣ ହଳିଆଙ୍କୁ ହାଣ୍ଡି ଗୋଟିଏ ଅଠର କେଜି ଚାଉଳ ଦେଇ ତଡିଦେଲେ ।

ର ବାହାନେ ପାଲା ତାଡାନାଇ କକ୍ସାନା ମାସେରୁ । ଇନୁ ପାହାମୁ ଇନୁ ପାହାମୁ ଇଞ୍ଜି ତ୍ରପ୍କି ତ୍ରପ୍କି ସାଇସେରୁ । ଏଙ୍ଗାଗୁଲେ ଲକୁ ଧାଡିଗି ଆନା କକ୍ତେରୁ । ଏମ୍ବାଇ କାନାଡି ଆନେ ଏଆଞ୍ଜି ପାଃହାନେ-ଜ୍ଞୁ । ଏ ପାହେରି ର ଆଞ୍ଜୁ ଆବା ବେସ୍କା ତାପ୍କୀ ସାଜିସେଞ୍ଜୁ । ଏ ଆଞ୍ଜୁ ଏଆରିଇ ଇସେଞ୍ଜୁ ଆନାଡିକି କପ୍ କାନାଇ ମାଞ୍ଜେରୁ । ଏ ଆରୁ ଇସ୍କାଇବେ କାକାତି ଆଆତେରୁ । ବୁଡା ଆବା ନାଡି କଡ କଡାନା ର ଆନି ରୁତିତେଞ୍ଜୁ । ର ଆଞ୍ଜୁ କାନାଡି ଆତେଞ୍ଜୁ ଏ ଆଞ୍ଜୁ ପାଲାପଃତେଞ୍ଜୁ । ବୁଡା ଆବା ଏ ଆରି ଅଟର ଉଲାଙ୍ଗା ପାଦା ଇଟିଏଜୁଞ୍ଜା ।



ସେମାନେ ଗଲେ ଗୋଟିଏ ବଣରେ ଭାତ ରାନ୍ଧିଲେ । ଗୋଟିଏ ଜାଗାରେ ଭାତ ଛାଣିଲେ ଏବଂ ବସିକି ରହିଲେ । ନିଜ ନିଜ ଭିତରେ ତୁ ବାଢେ ତୁ ବାଢେ ବୋଲି ଠେଲା ଠେଲି ହେଲେ । ସମସ୍ତେ ଲାଇନ୍ କରି ବସି ରହିଲେ । କିଏ ପାଟି କରିବ ସେ ଭାତ ବାଢିବ । ସେ ବାଟ ଦେଇ ଜଣେ ବୁଢା ଲୋକ କାଠ ହାଣିବାକୁ ଯାଉଥିଲେ । ସେ ସେମାନଙ୍କୁ ପଚାରିଲା କାହିଁକି ବସିକି ରହିଛ ? ବୁଢାଲୋକ ନିଆଁ ଖୁଣ୍ଟା କାଢି ଜଣକୁ ଚେଙ୍ଗିଦେଲା । ସେ ଜଣେ ପାଟି କଲା ଏବଂ ଭାତ ବାଢିଲା । ତେଣୁ ସେ ବୁଢାଲୋକ ଅଠର ଉଲା ବୋଲି ନାଁ ଦେଲେ ।

ପିଲାଙ୍କ କଥା

# କୁଇ ପ୍ରାର୍ଥନା

ମାନ୍ଦେଡେଲି ଇକେ ଦିନା
    ରାହି ଆଆସୁ ଆଜୁ ଡହନା
ତିରି ଏଲୁଡାଇ   ତିରି କାମାଡାଇ
    ବିହା ଗିନାସୁଡେ ପେନୁଇ ବହାନା
ଗାଡି ଆତାସୁ   ଲୁପୁ ଲୁପୁନା
    ଆଜା ଆବାତିନି   ରେହାଗିଆନା
ସା ନାସୁ ରନିସି ଇଦିନା ତୁହାନା
    ଡାଙ୍ଗି ଅହମାରି   ଗିଆନେ ଜୁଜୁରି
ଭଇତାରା ତୁଃନା  ନେି ଆବାମୁନା
    କାମା କାରା ଗିନା ପେନୁଇ ଦହାନୀ
ଗୁଲେ ଇରା ଏଆଞ୍ଜୁ ମେଃପି ମାଞ୍ଜାନେଞ୍ଜୁ
    ପେନୁବାଃ ତାଆଜୁ   କୁରାନାଇ ଜାନା
ଜ୍ଜିବାସେଲୁ ଡଃନା ତାଡାନି ଦଃନା
    ପେନୁଇ ତୁହାନା ଆନାଗିବାମୁନା
ସର୍ଗ ଦିନା ତାଙ୍ଗି   ଆତେଞ୍ଜୁ ଡେ ମାଙ୍ଗି
    ପେନୁଇ ବୁଦ୍ଧିତାକେ ନର୍କତା ଦିକାନା
ପେନୁ ପାଦା ମୁନାରି   ଆନା ମୁଆନାରି
    ମାନ୍ଦା ପାପା ବାରି ତୁଃତାନେ ବିରିବାରି
ସାରଙ୍ଗ ବେସ୍ତେଞ୍ଜୁ ତାଡାନି କୁରାନା
    ଡେଡାଗାଟାଞ୍ଜୁ ପେନୁ ମାଙ୍ଗେ ଏଃତାନାଞ୍ଜୁ
ମାଇଡିବା କ୍ଲପା ବେଞ୍ଜି ମାଞ୍ଜା ନେଞ୍ଜୁ
    ନାଡାଙ୍ଗି ଉଜାଡି ତାଡାନି ଦହନା ।

ଆମର ଜୀବନ କ୍ଷଣସ୍ଥାୟୀ, ବାପା, ମାଆଙ୍କୁ ଆନନ୍ଦିତ କରି ଆମେ ଜନ୍ମ ହେଲୁ । ଦିନେ ଇହଧାମ ତ୍ୟାଗ କରି ବା ଏଣୁ ଗର୍ବ ନାହିଁ ଅହଂକାର, ଅପକର୍ମ କରିବା, ଆମେ କରିବା  କାମ ସେ ସବୁ ଦେଖୁଛନ୍ତି । ଈଶ୍ୱର ସର୍ବଜ୍ଞ ଆଉ ସର୍ବଶକ୍ତିମାନ । ଏଣୁ ପାପାରୁ ମୁକ୍ତ ହେବା ପଇଁ ତାଙ୍କୁ ଦିନରାତି ଧ୍ୟାନ କରିବା  । ଏହା ଛଡା ଆମର ଅନ୍ୟଗତି ନାହିଁ ।



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର